Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 21+ Issue No:339+ 8 April 2026 (Wednesday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୩୩୯+୮ ଏପ୍ରିଲ ୨୦୨୬ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ତେହେରାନରେ ବିସ୍ଫୋରଣ, ଉଡୁଛି ଫାଇଟର ଜେଟ୍

ଇରାନୀ ରାଷ୍ଟ୍ରପତି କହିଲେ –ମୋ ସହ ଦେଢ କୋଟି ମରିବାକୁ ପ୍ରସ୍ତୁତ

ନୂଆଦିଲ୍ଲୀ,୭/୪: ଇରାନରେ ଗତ ପ୍ରାୟ ୪୦ ଦିନରୁ ଜାରି ଯୁଦ୍ଧ ଏବେ ଆହୁରି ଜୋରଦାର ହୋଇଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତି ୮ଟା ସୁଦ୍ଧା ଡେଡଲାଇନ୍ ସ୍ଥିର କରିଛନ୍ତି ଏବଂ କହିଛନ୍ତି ଯେ, ଯଦି ଇରାନ କୌଣସି ବୁଝାମଣା ନକରେ , ତ ପୁଣି ଭୟଙ୍କର ଆକ୍ରମଣ ହେବ। ତାଙ୍କର କହିବାନୁସାରେ ,ରାତି ୮ଟାରୁ ଆକ୍ରମଣ ଆରମ୍ଭ ହେବ ଏବଂ ରାତି ୧୨ଟା ସୁଦ୍ଧା ପୂରା ଦେଶ ଧ୍ୱଂସ ହୋଇଯିବ। ଏହି ମଧ୍ୟରେ ଇରାନର ରାଜଧାନୀ ତେହେରାନରେ ମାହୋଲ ବିଗିଡ଼ି ଯାଇଛି। ଇସ୍ରାଏଲର ଫାଇଟର ଜେଟ୍ ତେହେରାନର ଆକାଶରେ ଉଡୁଥିବା ବେଳେ ଅନେକ ସ୍ଥାନରେ ବିସ୍ଫୋରଣର ସ୍ୱର ମଧ୍ୟ ଶୁଣାଯାଉଛି। ଏହି ସବୁ ବିସ୍ଫୋରଣରେ କିଛି ଲୋକଙ୍କ ମୃତାହତ ହେବାର ମଧ୍ୟ ଖବର ଅଛି। ଇସ୍ରାଏଲ ପକ୍ଷରୁ ଇରାନର ଲୋକଙ୍କୁ ଅପିଲ କରାଯାଇଛି ଯେ, ସେ ଆଗାମୀ ୧୨ ଘଂଟା ଯାଏ ଟ୍ରେନରେ ଯାତ୍ରା କରନ୍ତୁ ନାହିଁ। ଇସ୍ରାଏଲର କହିବାନୁସାରେ , ଆମେ ଇରାନର ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ଏବଂ ଏଥିପାଇଁ ଏମିତି ଅପିଲ କରୁଛୁ। ଇସ୍ରାଏଲ କହିଛି ଯେ, ଆପଣ ମାନେ ସମସ୍ତେ କେହି ରାତି ୧୧ଟା ସୁଦ୍ଧା ଟ୍ରେନରେ ଯାତ୍ରା କରନ୍ତୁ ନାହିଁ। ଯଦି ଆପଣ ଟ୍ରେନରେ ଯାତ୍ରା କରୁଛନ୍ତି ଅଥବା ରେଲୱେ ଷ୍ଟେସନର ନିକଟକୁ ଯାଉଛନ୍ତି ତ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ। ଇସ୍ରାଏଲର ସେନା ପାର୍ସିରେ ସନ୍ଦେସ ଜାରି କରି ମଧ୍ୟ ଇରାନର ଲୋକଙ୍କୁ ଏହି ଅପିଲ କରିଛି। ଇରାନ କହିଛି ଏହା ଆମ ପକ୍ଷରୁ ଏମର୍ଜେନ୍ସି ଅପିଲ ଏବଂ ଆପଣ ସମସ୍ତେ ନିଜ ନିଜର ସୁରକ୍ଷା ପାଇଁ ଏହା ପାଳନ କରନ୍ତୁ। ଅନ୍ୟପଟେ ଇରାନୀ ରାଷ୍ଟ୍ରପତି ମସୁଦ ପେଜେସ୍କିୟାନଙ୍କର କହିବାନୁସାରେ ଇରାନର ୧.୪ କୋଟି ଲୋକ ମରିବାକୁ ପ୍ରସ୍ତୁତ। ଆମେ ଇରାନର ସୁରକ୍ଷା ଓ ଅସ୍ମିତା ପାଇଁ ନିଜକୁ ତ୍ୟାଗ ମଧ୍ୟ କରିପାରୁ ଏବଂ ମୁଁ ନିଜେ ଏହି ମାମଲାରେ ସବୁଠୁ ଆଗରେ ରହିବି। ପେଜେସ୍କିୟାନ କହିଛନ୍ତି , ମୁଁ ନିଜେ ଇରାନ ପାଇଁ ଜୀବନକୁ ବଳି ଦେବାକୁ ପ୍ରସ୍ତୁତ। ମୋ ସହ ଇରାନର ୧.୪ କୋଟି ଲୋକ ଏବେସୁଦ୍ଧା ଶପଥ ନେଇଛନ୍ତି। ସେମାନେ ଯେକୌଣସି ସ୍ଥିତିରେ ନିଜ ଦେଶର ସୁରକ୍ଷା ପାଇଁ ମୁତୟନ ରହିବେ। ଉଲ୍ଲେଖନୀୟ ଯେ, ଏବେସୁଦ୍ଧା ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ମଙ୍ଗଳବାର ରାତିକୁ ନେଇ ଅନେକ ଧମକ ଆସୁଛି। କିଛି ରିପୋର୍ଟରେ କୁହାଯାଇଛି ଯେ, ଏହି ଡେଡଲାଇନକୁ ବୃଦ୍ଧି କରାଯାଇ ପାରେ, କିନ୍ତୁ କୌଣସି ଔପଚାରିକ ସୂଚନା ମିଳି ନାହିଁ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜୁଏଲ ଓରାମ

୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା

ଭୁବନେଶ୍ୱର, ୭/୪(ନି/ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ୩ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ କଲେ ଆଲୋଚନା। ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ, ରାଉରକେଲା ଷ୍ଟିଲ ପ୍ଲାଂଟ ସଂପ୍ରସାରଣ ଏବଂ ମହାମହିମ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ବିଷୟରେ ଆଲୋଚନା କରିଛନ୍ତି। ଜମି ଅଧିଗ୍ରହଣ କେତେ ଦୂର ଆଗେଇଛି ତାର ସମୀକ୍ଷା କରିଛନ୍ତି। ସେହିପରି ରାଉରକେଲା ଷ୍ଟିଲ ପ୍ଲାଂଟ ସଂପ୍ରସାରଣ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଏହା ସହ ୨୧ ତାରିଖରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପଟେ ଉଚ୍ଚ ଶିକ୍ଷାରେ ଏସସି ଏସଟି ଏବଂ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପାଇଁ ଜୁଏଲ ଓରାମ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୫ ରାଜ୍ୟରୁ ୬୫୦ କୋଟି ଜବତ

ନୂଆଦିଲ୍ଲୀ,୭/୪ :ଆସନ୍ତା ବିଧାନସଭା ନିର୍ବାଚନ ଏବଂ ଉପ-ନିର୍ବାଚନକୁ ଅବାଧ ଓ ନିଷ୍ପକ୍ଷ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଆଣ୍ଠୁ ମୋଡ୍ରେ ଅଛନ୍ତି। ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବ୍ୟବହାର କରାଯାଉଥିବା ବେଆଇନ ନଗଦ ଟଙ୍କା, ମଦ ଏବଂ ଡ୍ରଗ୍ସ ଉପରେ କମିଶନଙ୍କ ଚଢ଼ାଉ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ଟି ରାଜ୍ୟରୁ ୬୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ ସାମଗ୍ରୀ ଓ ନଗଦ ଟଙ୍କା ଜବତ କରାଯାଇଛି । ନିର୍ବାଚନ କମିଶନଙ୍କ 'ଇଲେକ୍ଟ୍ରୋନିକ ଜବତ ପରିଚାଳନା ପ୍ରଣାଳୀ' ଅନୁଯାୟୀ, ୫ ଏପ୍ରିଲ ସୁଦ୍ଧା ମୋଟ୍ ୬୫୧.୫୧ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି । ଜବତ ହୋଇଥିବା ଟଙ୍କା ମଧ୍ୟରୁ ୫୩.୨ କୋଟି ନଗଦ ଟଙ୍କା, ୭୯.୩ କୋଟି ଟଙ୍କାର ମଦ, ୨୩୦ କୋଟି ଟଙ୍କାର ନିଶାଦ୍ରବ୍ୟ, ୫୮ କୋଟି ଟଙ୍କାର ମୂଲ୍ୟବାନ ଧାତୁ ଅନ୍ୟାନ୍ୟ ସାମଗ୍ରୀ ରହିଛି।

ଶିଳ୍ପକ୍ଷେତ୍ରରେ ଓଡ଼ିଶାରେ ଭିତିଭୂମି ଉନ୍ନତି ହେବା ସହ ଶିକ୍ଷାନୁଷ୍ଠାନ ବଢୁଛି : ନବୀନ ଜିନ୍ଦଲ

ଭୁବନେଶ୍ୱର, ୭।୪(ନି/ପ୍ର) : ଭାରତୀୟ ଷ୍ଟିଲ ସଂଘ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଙ୍ଗଳବାର ଆଲୋଚନା କରିଛନ୍ତି। ବୈଠକ ପରେ ବିଶିଷ୍ଟ ଶିଳ୍ପପତି ନବୀନ ଜିନ୍ଦଲ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ବହୁତ ଭଲ କାମ ହେଉଛି। ଓଡ଼ିଶାରେ ଭିନ୍ନିଭୂମି ଉନ୍ନତି ହେଉଛି ଶିକ୍ଷାନୁଷ୍ଠାନ ବି ବଢୁଛି ବୋଲି ନବୀନ ଜିନ୍ଦଲ କହିଛନ୍ତି। ଓଡ଼ିଶା ସରକାରଙ୍କ ଖଣି ନୀତି ଓ ଅକ୍ସନ ବ୍ୟବସ୍ଥା ପାଇଁ ରାଜ୍ୟକୁ ଅଧିକ ରାଜସ୍ୱ ବି ମିଳୁଛି । ଓଡ଼ିଶାରେ ଷ୍ଟିଲ ପ୍ରଡକ୍ସନ ଭଲ ହେଉଛି । ତେଣୁ ଆଇରନ ଓର ଉତ୍ପାଦନକୁ ଅଧିକ ବଢାଇବାର ଆବଶ୍ୟକତା ରହିଛି । ଯେଉଁମାନେ ଓଡ଼ିଶାରେ ନିବେଶ କରିଛନ୍ତି ସେମାନଙ୍କୁ ଡଂଗଉ ରୁ ଆଇରନଓର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି ।

ଇରାନ ସହିତ ସଂଘର୍ଷ ସମୟରେ ନାଟୋ ଆମେରିକାକୁ ସମର୍ଥନ କରିବାରେ ବିଫଳ: ଟ୍ରମ୍ପ

ୱାସିଂଟନ,୭/୪: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ)କୁ ଟାର୍ଗେଟ କରି ନାଟୋକୁ 'କାଗଜ ବାଘ' ବୋଲି କହି କଟାକ୍ଷ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଇରାନ ସହିତ ସଂଘର୍ଷ ସମୟରେ ନାଟୋ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ଆମେରିକାକୁ ସମର୍ଥନ କରିବାରେ ବିଫଳ ହୋଇଛନ୍ତି। ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟ୍ଙ୍କ ୱାଶିଂଟନ ଗସ୍ତ ପୂର୍ବରୁ ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଆସିଛି। ରୁଟ୍ ଖୁବ୍‌ଶୀଘ୍ର ଟ୍ରମ୍ପଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ଇରାନ ଯୁଦ୍ଧ ସମ୍ପର୍କରେ କିଛି ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଆଶା କରାଯାଉଛି। ଟ୍ରମ୍ପ କହିଛନ୍ତି ଯେ ଇରାନ ଯୁଦ୍ଧ ନାଟୋ ପ୍ରତି ଏକ ନକାରାତ୍ମକ ଛାପ ଛାଡିଛି ଯାହା କେବେ ଦୂର ହେବ ନାହିଁ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନାଟୋକୁ ଭୟ କରନ୍ତି ନାହିଁ ଏବଂ ଏହି ମେଟଂ ଏବେ ପ୍ରଭାବହୀନ ପ୍ରମାଣିତ ହେଉଛି। ଯେତେବେଳେ ଆମେରିକା ନାଟୋ ସହିତ ସହଯୋଗ ପାଇଁ ଯୋଗାଯୋଗ କରିଥିଲା, ସଦସ୍ୟ ଦେଶମାନେ ସହାୟତା କରି ନଥିଲେ। ତେବେ ଟ୍ରମ୍ପ କେଉଁ ଦେଶ କିମ୍ବା ନେତାଙ୍କ ସହ ସିଧାସଳଖ କଥା ହୋଇଛନ୍ତି ତାହା ସ୍ପଷ୍ଟ କରି ନାହାନ୍ତି। ଏବେ, ଆମେରିକା ନିଜର ସ୍ଥିତିକୁ ମଜବୁତ କରିଥିବାବେଳେ ଏବେ ନାଟୋ ଦେଶଗୁଡ଼ିକ ସମର୍ଥନ ପ୍ରଦାନ କରିବାକୁ ଆଗକୁ ବଢୁଛନ୍ତି। ଟ୍ରମ୍ପ ଜାପାନ,ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ କୋରିଆ ଭଳି ସହଯୋଗୀ ଦେଶଗୁଡ଼ିକୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେମାନେ ସଙ୍କଟ ସମୟରେ ଆମେରିକାକୁ ସାହାଯ୍ୟ କରିବାରେ ବିଫଳ ହୋଇଥିଲେ ବୋଲି ସେ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଆଂଚଳିକ ବିପଦରୁ ସୁରକ୍ଷା ଦେବା ପାଇଁ ଏହି ଦେଶଗୁଡ଼ିକରେ ହଜାର ହଜାର ଆମେରିକୀୟ ସୈନ୍ୟ ମୁତୟନ ଅଛନ୍ତି। ଟ୍ରମ୍ପ ଉତ୍ତର କୋରିଆ ନେତା କିମ୍ ଜୋଙ୍ଗ ଉନଙ୍କ ସହ ତାଙ୍କର ସମ୍ପର୍କକୁ 'ବହୁ ଭଲ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଆମେରିକୀୟ ସୈନ୍ୟ ଏପରି ଏକ ଅଂଚଳରେ ମୁତୟନ ଅଛନ୍ତି ଯେଉଁଠାରେ ପରମାଣୁ ବିପଦ ରହିଛି, ଏବଂ ଏହିପରିସ୍ଥିତି ହେବା ଉଚିତ୍ ନଥିଲା ବୋଲି କହିଛନ୍ତି। ଟ୍ରମ୍ପ ଏହା ମଧ୍ୟ ସୂଚାଇ ଦେଇଛନ୍ତି, ଯେତେବେଳେ ସେ ଗ୍ରୀନଲାଣ୍ଡର ନିୟନ୍ତ୍ରଣ ନେବାକୁ ପ୍ରସ୍ତାବ ଦେଇଥିଲେ ସେତେବେଳେ ଆମେରିକା ଏବଂ ନାଟୋ ମଧ୍ୟରେ ଉତ୍ତେଜନା ଆରମ୍ଭ ହୋଇଥିଲା। ତାଙ୍କ ଅନୁସାରେ, ନାଟୋ ଦେଶମାନେ ଏହି ପ୍ରସ୍ତାବକୁ ସମର୍ଥନ କରି ନଥିଲେ, ଯାହା ଫଳରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ସେ କହିଛନ୍ତି।

୧୨ବର୍ଷ ଅପେକ୍ଷାର ଅନ୍ତ: 'ଅମରାବତୀ' ଆନ୍ଧ୍ର ପ୍ରଦେଶର ନୂଆ ରାଜଧାନୀ

ନୂଆଦିଲ୍ଲୀ,୭/୪ : ୧୨ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ଆନ୍ଧ୍ରପ୍ରଦେଶର ସ୍ଥାୟୀ ରାଜଧାନୀ ଭାବେ ଅମରାବତୀ ଘୋଷିତ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ବିଭାଜନ ହେବାରେ ୧୨ ବର୍ଷ ପରେ ଅମରାବତୀ ଆନୁଷ୍ଠାନିକ ଭାବେ ମାନ୍ୟତା ପାଇଛି। ପୂର୍ବରୁ ୨୦୧୪ ମସିହା ଆଇନ୍ ରେ ରାଜଧାନୀ ନାମ ସ୍ପଷ୍ଟ ନଥିଲା। ବର୍ତ୍ତମାନ୍ ର ସଂଶୋଧନ ପରେ ଅମରାବତୀ ଆନ୍ଧ୍ରର ଏକମାତ୍ର ଏବଂ ସ୍ଥାୟୀ ରାଜଧାନୀ ହୋଇଛି। ନୂଆ ନିୟମ ୨୦୨୪ ଜୁନ୍ ୨ରୁ କାର୍ଯ୍ୟକାରୀ ହୋଇଛି ବୋଲି ଧରାଯିବ। ଲୋକସଭାରେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍, ୨୦୨୬ ଉପରେ ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ମାନିକମ୍ ଟାଗୋର କହିଛନ୍ତି ଯେ କଂଗ୍ରେସ ଏହି ଆଇନକୁ ପୂର୍ଣ୍ଣ ସମର୍ଥନ କରୁଥିବା ବେଳେ, ଏହା ଆନ୍ଧ୍ରପ୍ରଦେଶ ପାଇଁ ସ୍ୱତନ୍ତ୍ର ମାନ୍ୟତା ଦାବି କରୁଛି। ସେ କହିଥିଲେ, "ଅମରାବତୀକୁ ବେଙ୍ଗାଲୁରୁ, ଚେନ୍ନାଇ କିମ୍ବା ହାଇଦ୍ରାବାଦ ପରି ବିକଶିତ ହେଉ। ବିଶାଖାପାଟଣା, ତିରୁପତି ଏବଂ କୁର୍ନ୍ନୁଲ ମଧ୍ୟ ବିକଶିତ ହେଉ। ଆମେ ଆନ୍ଧ୍ରପ୍ରଦେଶର ସ୍ଥାୟୀ ରାଜଧାନୀ ଭାବରେ ଅମରାବତୀକୁ ସମର୍ଥନ କରୁ।" ବିଲ୍‌କୁ ସମର୍ଥନ କରି ବିଜେପି ସଦସ୍ୟ ସିଏମ୍ ରମେଶ କହିଛନ୍ତି ଯେ ସ୍ୱାଧୀନ ଭାରତର ଇତିହାସରେ ଏହା ପ୍ରଥମ ଥର ଯେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ରାଜ୍ୟର ରାଜଧାନୀ ଘୋଷଣା କରି ସଂସଦରେ ଏକ ବିଲ୍ ଆଗତ କରାଯାଇଛି। ସେ କହିଛନ୍ତି ଯେ ଏବେଠାରୁ, କେହି ଆନ୍ଧ୍ର ପ୍ରଦେଶର ରାଜଧାନୀର ସ୍ଥିତି ସହିତ ହେରଫେର କରିପାରିବେ ନାହିଁ, କାରଣ ଅମରାବତୀ ରାଜ୍ୟର ଏକମାତ୍ର ଏବଂ ସ୍ଥାୟୀ ରାଜଧାନୀ ହେବ। ରମେଶ ଆନ୍ଧ୍ର ପ୍ରଦେଶ ପାଇଁ ତିନୋଟି ରାଜଧାନୀ ସୃଷ୍ଟି କରିବା ପାଇଁ ପୂର୍ବ ରାଜ୍ୟ ସରକାରଙ୍କ ପଦକ୍ଷେପକୁ କଡ଼ା ସମାଲୋଚନା କରି ଏହି ନିଷ୍ପତ୍ତିକୁ ଅଯୌକ୍ତିକ ଏବଂ ଅବାନ୍ତର ବୋଲି କହିଛନ୍ତି।

ହାଇୱାକୁ ପଛରୁ ପିଟିଲା ଆମ ବସ୍

ଭୁବନେଶ୍ୱର,୭/୪(ନି/ପ୍ର) : ପୁଣି ଦୁର୍ଘଟଣା ଘଟାଇଲା ଆମ ବସ୍। ମଙ୍ଗଳବାର ହାଇୱାକୁ ପଛରୁ ପିଟିଛି ଆମ ବସ୍। ମାତ୍ର ସୌଭାଗ୍ୟବଶତଃ ଯାତ୍ରୀ ବଡ ଦୁର୍ଘଟଣାରୁ ଅଳ୍ପକେ ର୍ତ୍ତି ଯାଇଥିବା ସହ ସୁରକ୍ଷିତ ଅଛନ୍ତି। ବାରଙ୍ଗ ଥାନା ପଦ୍ମନାଭ ନଗର ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି।

ଗଞ୍ଜାମରେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼, ଅଂଚଳରେ ଆତଙ୍କ

ଗଞ୍ଜାମ,୭/୪(ନି/ପ୍ର): ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ । ଗଞ୍ଜାମ ପୁଣି ଫୁଟିଲା ବନ୍ଧୁକ । ଅଶାନ୍ତ ପାଟପୁର ଥାନା ଅଂଚଳ ଡେଙ୍ଗାଓସ୍ତା । ଡେଙ୍ଗାସ୍ତାର ସୁନା ଦୋକାନୀ ଶ୍ରୀ ଦୁର୍ଗା ଜ୍ୱେଲର୍ସର ମାଲିକ ପବିତ୍ର ବିଷୋୟୀଙ୍କୁ ଗୁଳି ମାଡ଼ ହୋଇଛି । ଗତକାଲି ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବାଟରେ ଛକି ରହିଥିଲେ ଦୁର୍ବୃତ୍ତ । ପିଛା କରିଅଳ୍ପ ରାସ୍ତା ଯିବା ପରେ ହଠାତ ତାଙ୍କ ଉପରକୁ ତିନିଟି ଗୁଳି ଚଳାଇଥିଲେ ଅଭିଯୁକ୍ତ । ଦୁଇଟି ଗୁଳି ସୁନା ବ୍ୟବସାୟ ପବିତ୍ର ବିଷୋୟୀଙ୍କ ଦେହରେ ବାଜିଛି । କିନ୍ତୁ ଛାଡ଼ିନଥିଲେ ନିଜ ଟଙ୍କା ବ୍ୟାଗ । ବନ୍ଧୁକର ଗୁଳି ଶବ୍ଦ ଶୁଣି ନିକଟରେ ଥିବା ଲୋକ ଦୌଡ଼ିଲା ବେଳକୁ ଦୁର୍ବୃତ୍ତ ଘଟଣାସ୍ଥଳରୁ ବାଇକ ଯୋଗେ ଫେରାର ହୋଇଯାଇଥିଲେ ଲୁଟେରା । ଦୁଇଟି ବାଇକରେ ଥିଲେ ୫ ଜଣ ଦୁର୍ବୃତ୍ତ । ଘଟଣାସ୍ଥଳରେ ପାଟପୁଟ ପୁଲିସ ପହଚିଂ ତନାଘନା ଜାରି କରିଛି । ଅନ୍ୟପଟେ ବୋମାକୁ ହାତରେ ଧରିଥିବା ବେଳେ ହଠାତ ଫୁଟିଗଲା ଗୁଳି । ଜଣେ ନାବାଳକ ଗୁରୁତର , ଅନ୍ୟ ଜଣେ ନାବାଳକ ଆହତ ।

ପରମାଣୁ ଶକ୍ତି କ୍ଷେତ୍ରରେ ଭାରତର ଐତିହାସିକ ବିଜୟ

କଳ୍ପକ୍କମ,୭/୪: ଭାରତର ବେସାମରିକ ପରମାଣୁ ଶକ୍ତି କାର୍ଯ୍ୟକ୍ରମରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି। ତାମିଲନାଡୁର କଳ୍ପକ୍କମସ୍ଥିତ ଦେଶର ସବୁଠାରୁ ଅତ୍ୟାଧୁନିକ 'ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡର ରିଆକ୍ଟର' (ପିଏଫବିଆର)ସୋମବାର ସଫଳତାର ସହ 'କ୍ରିଟିକାଲିଟି' ହାସଲ କରିଛି। ଏହି ସଫଳତା ସହ ଭାରତ ନିଜର ତିନି-ସ୍ତରୀୟ ପରମାଣୁ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଏକ ଶକ୍ତିଶାଳୀ ପଦାର୍ପଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଉପଲବ୍ଧିକୁ ଭାରତର ପରମାଣୁ ଯାତ୍ରାର ଏକ 'ସଂଜ୍ଞାକାରୀ ମୁହୂର୍ତ୍ତ' ଭାବେ ବର୍ଣ୍ଣନା କରିବା ସହ ଏହାକୁ ଦେଶର ବୈଜ୍ଞାନିକ ଉତ୍କର୍ଷର ପ୍ରମାଣ ବୋଲି କହିଛନ୍ତି। ୫୦୦ ମେଗାୱାଟ୍ ବିଶିଷ୍ଟ ଏହି ସ୍ୱଦେଶୀ ରିଆକ୍ଟରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର 'ଫାଷ୍ଟ ବ୍ରିଡର' ପ୍ରଯୁକ୍ତିବିଦ୍ୟା। ଏହା ବ୍ୟବହାର କରୁଥିବା ଇନ୍ଧନ ତୁଳନାରେ ଅଧିକ ଇନ୍ଧନ ସୃଷ୍ଟି କରିବାର କ୍ଷମତା ରଖୁଥିବାରୁ ବୈଜ୍ଞାନିକମାନେ ଏହାକୁ ଶକ୍ତିର 'ଅକ୍ଷୟ ପାତ୍ର' ବୋଲି ଅଭିହିତ କରିଛନ୍ତି। ପରମାଣୁ ଶକ୍ତି କମିଶନର ଅଧ୍ୟକ୍ଷ ଡକ୍ଟର ଅଜିତ କୁମାର ମହାନ୍ତିଙ୍କ ଅନୁସାରେ, ଏହି ସଫଳତା ପରବର୍ତ୍ତୀ ସମୟରେ ଭାରତର ବିପୁଳ ଥୋରିୟମ୍ ଭଣ୍ଡାର ବ୍ୟବହାର କରିବା ପାଇଁ ପଥ ପରିଷ୍କାର କରିବ। ସାରା ବିଶ୍ୱରେ କେବଳ ରୁଷିଆ ପାଖରେ ଏଭଳି ବ୍ୟବସାୟିକ ରିଆକ୍ଟର ଥିବାବେଳେ, ଭାରତ ଏହି ସଫଳତା ପାଇ ଏକ ବିଶେଷ ବୈଷୟିକ ଗୋଷ୍ଠୀରେ ସାମିଲ ହୋଇଛି। ନିଶ୍ଚିତ ଭାବେ ଏହି ମାଇଲଖୁଂଟ ଭାରତର ୨୦୭୦ 'ନେଟ୍ ଜିରୋ' ଲକ୍ଷ୍ୟ ଏବଂ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି ଉତ୍ପାଦନ କରିବା ସଂକଳ୍ପକୁ ସାକାର କରିବା ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହା କେବଳ ଏକ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଦିଗରେ ଭାରତର ଏକ ଶକ୍ତ ପଦକ୍ଷେପ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଉପଲବ୍ଧିକୁ ଭାରତର ପରମାଣୁ ଯାତ୍ରାର ଏକ ''ସଂଜ୍ଞାକାରୀ ମୁହୂର୍ତ୍ତ'' ଭାବେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରିଆକ୍ଟର ଭାରତର ବୈଜ୍ଞାନିକ ଦକ୍ଷତା ଓ ଇଞ୍ଜିନିୟରିଂ ଶକ୍ତିର ପ୍ରତିଫଳନ। ଭବିଷ୍ୟତରେ ଭାରତରେ ଥିବା ବିପୁଳ ଥୋରିୟମ୍ ଭଣ୍ଡାରର ବ୍ୟବହାର ପାଇଁ ଏହା ଏକ ମୂଳଦୁଆ ସଦୃଶ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଭାରତରେ ରନ୍ଧନ ଗ୍ୟାସ୍ ଦିନ ମଜୁରିଆଙ୍କ ପାଇଁ ଅପହଂଚ : ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୭/୪ :ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶରେ ରନ୍ଧନ ଗ୍ୟାସ୍(ଏଲପିଜି) ଅଭାବକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ରନ୍ଧନ ଗ୍ୟାସ୍ ଦିନ ମଜୁରିଆଙ୍କ ପାଇଁ ଅପହଂଚ ହୋଇଛି । ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ ରାହୁଲ ଗାନ୍ଧୀ ସୋମବାର ଦିନ ଅଭିଯୋଗ କରିଛନ୍ତି ଯେ, ସରକାର ଏଲପିଜି ସଙ୍କଟକୁ କୋଭିଡ୍-୧୯ ମହାମାରୀ ସଦୃଶ ନେଇଛନ୍ତି । 'କୌଣସି ନୀତି ନାହିଁ, କୌଣସି ବଡ଼ ଘୋଷଣା

ଆମେରିକା-ଇସ୍ରାଏଲ ସହିତ ଯୁଦ୍ଧ ମଧ୍ୟରେ ଇରାନରେ ସଂକଟରେ ଜୀବନ

ତେହେରାନ,୭/୪: ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ କରୁଥିବା ଇରାନର ସୀମା ପାର କରି ଭିତରେ ପ୍ରବେଶ କଲେ ଏକ ଭିନ୍ନ ପରିବେଶ ଦେଖିବାକୁ ମିଳୁଛି। କଳା ବ୍ୟାନର, କାନ୍ଥରେ ବଡ଼ ପୋଷ୍ଟର ଏବଂ ପ୍ରତିଶୋଧ ନେବାର ଧମକପୂର୍ଣ୍ଣ ମୁହଁ। ମହାସଂଗ୍ରାମ ମଧ୍ୟରେ ସବୁଠାରୁ ଆକର୍ଷଣୀୟ କଥା ହେଉଛି ସାଧାରଣ ଲୋକଙ୍କ ଜୀବନ। ସେମାନେ ଲୁହଭିଜା ଆଖି ଆଉ କୋହ ଭରା ଛାତି ଧରି ଯେକୌଣସି ପରିସ୍ଥିତିରେ ଆଗକୁ ବଢୁଛନ୍ତି। ଜୀବନ ହାରି ଯାଇନି, ଜୀବନ ହାରି ଯାଇନି ବରଂ ମୃତ୍ୟୁକୁ ଜିତିବାକୁ ଭଙ୍ଗାମନରେ ଅଟାଂ ଭିଡ଼ିଛି। ବଚିଂଛନ୍ତି ମାନେ ତ ଜୀଇଁବାକୁ ହେବ। ଜୀବନ ଯୁଦ୍ଧରୁ ପଛକୁ ହଟିବାକୁ ସାଧାରଣ ଲୋକେ ନାରାଜ। ପ୍ରିୟ ପରିଜନଙ୍କୁ ହରାଇଥିବାର ଲୁହ ଝରି ଝରି ଆଉ ଏବେ ଆଖି ଶୁଖି ଗଲାଣି। କାନ୍ଦିବାକୁ ଆଉ ଆଖିରେ ଲୁହ ବି ନାହିଁ। ଯୁଦ୍ଧ ସଙ୍କଟ ମଧ୍ୟରେ ଛୋଟ ବଡ଼ ସହରଗୁଡ଼ିକରେ ଦୋକାନ ଖୋଲା ଅଛି, ଲୋକମାନେ ରାସ୍ତାରେ ଯିବା ଆସିବା କରୁଛନ୍ତି। ଜୀବନକୁ ଦୁଃଖ ମଧ୍ୟରେ ବି ସ୍ୱାଭାବିକ କରିବାକୁ ପ୍ରୟାସ କରୁଛନ୍ତି। ରେଷ୍ଟୁରାଂଟଗୁଡ଼ିକ ଖାଦ୍ୟ ପରିବେଷଣ କରାଯାଉଛି। ବୋମା ମାଡ଼ରେ ବହୁ କମ୍ପ୍ଲେକ୍ସ ଭାଙ୍ଗିରୁଜି ଯାଇଛି। ସ୍କୁଲ-କଲେଜ,ପାଠାଗାର, କ୍ଲିନିକ୍ , ବ୍ୟବସାୟିକ ପ୍ରତିଷ୍ଠାନ ଆଦି ସବୁ ଧ୍ୱଂସ ହୋଇଯାଇଛି। ଫଳରେ ଲୋକେ ସମସ୍ୟାରେ ପଡ଼ିଛନ୍ତି। ଲୋକମାନେ ଦୋକାନ ଘର ଭାଙ୍ଗିଯାଇଥିବା ବଜାରକୁ ଯାଉଛନ୍ତି। ପିଲାମାନେ ଆବର୍ଜନା ପଡ଼ିଥିବା ରାସ୍ତାରେ ଖେଳୁଛନ୍ତି। ଭଙ୍ଗା ଇଲେକ୍ଟ୍ରି ଖୁଂଟ ତଳେ ଯାନବାହାନ ଚଳାଚଳ କରୁଛି। ତେବେ ସଭିଙ୍କ ମୁହଁରେ ରହିଛି ଭୟର ଛାପ। ରାତି ଅନ୍ଧାରରେ କୋଳାହଳ କମିବା ସହିତ ସହର ଶାନ୍ତ ପଡ଼ିଯାଉଛି। ସରକାରୀ କୋଠା ଏବଂ ପୁଲିସ ଷ୍ଟେସନର ଅଧାଭଙ୍ଗା ଅବସ୍ଥାରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ସୁରକ୍ଷା ଯାଂଚ କେନ୍ଦ୍ର ବୃଦ୍ଧି ପାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ଲୋକେ ଭୟ କରୁଛନ୍ତି, କିନ୍ତୁ ସରକାରଙ୍କ ଆଭିମୁଖ୍ୟ ଭଳି ମୁଣ୍ଡ ?ନଇଁବାକୁ ନାରାଜ ଅଛନ୍ତି। ଲୋକଙ୍କ ଏଭଳି ମନ୍ତବ୍ୟ ଏକ ରାଜନୈତିକ ବିବୃତି ନୁହେଁ, ବରଂ ଜଣେ ସାଧାରଣ ନାଗରିକର ମନୋବଳକୁ ପ୍ରତିଫଳିତ କରୁଛି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

କେନ୍ଦୁଝର,୭/୪(ନି/ପ୍ର): କେନ୍ଦୁଝର ସହରର ଗୁଜୁରାଟୀ ସମାଜ ଠାରେ କେନ୍ଦୁଝର ନଗର ମଣ୍ଡଳ ତରଫରୁ ୨ ଦିନିଆ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ରବିବାର ଆରମ୍ଭ ହୋଇଛି । ନଗର ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ ର ପ୍ରମୁଖ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ୟାମସୁନ୍ଦର ନାଏକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶୁକଦେ ମହାନ୍ତ ଏବଂ ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, କେନ୍ଦୁଝରଗଡ଼ ପୌରପାଳିକା ର ଅଧକ୍ଷା ନିକୁ ସାହୁ, ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପଣ୍ଡା, ବରିଷ୍ଠ ନେତ୍ରୀ କିରଣବାଳା ନାୟକ, ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତି ମଚାଂସିନ ହୋଇଛି ପ୍ରଶିକ୍ଷାର୍ଥୀ ମାନଙ୍କୁ ଉଦବୋଧନ ଦେବା ସହିତ ପ୍ରଶିକ୍ଷଣ ଦେଇଥିଲେ । ଏହି ଦୁଇ ଦିନିଆ ମଣ୍ଡଳ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକର୍ତାମାନଙ୍କୁ ବୈଚାରିକ ଅଧିଷ୍ଠାନ, ଭାରତୀୟ ଜନତା ପାର୍ଟିର ଇତିହାସ ଏବଂ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟିକୋଣ, ଦଳର କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନ୍ୱୟନ, ସାମାଜିକ ଗଣମାଧ୍ୟମ ଏବଂ ଏଆଇ, ନମୋ ଆପ୍, ସରଳ ଆପ୍, ବୁଥ ପରିଚାଳନା, ମନ୍ କି ବାତ୍ ବୈଠକ, ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ।ଆସନ୍ତା ୨୦୪୭ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ରାଷ୍ଟ୍ର ଭାବରେ ଭାରତକୁ ବିଶ୍ୱରେ ଏକ ନମ୍ବର ସ୍ଥାନରେ ପହଚାଂଇବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି ଏବଂ ୨୦୩୬ ରେ ଓଡ଼ିଶା ରାଜ୍ୟର ପ୍ରତିଷ୍ଠାକୁ ୧୦୦ ବର୍ଷ ପୁର୍ତି ଅବସରରେ ଓଡ଼ିଶା ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ସଂକଳ୍ପ ନେଇଛନ୍ତି ତାହା କିଭଳି ସଫଳ ହେବ ସେଥିପାଇଁ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷତ ହୋଇ ଦେଶ ଏବଂ ରାଜ୍ୟର ବିକାଶରେ ସାମିଲ ହେବା ସହ ସେମାନଙ୍କର ଅବଦାନ ରହିବ ବୋଲି ଭାରତୀୟ ଜନତା ପାର୍ଟିର କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଥିଲେ । ସୋମବାର ସକାଳେ କାର୍ଯ୍ୟକର୍ନ୍ତା ମାନଙ୍କୁ ଯୋଗ ଶିକ୍ଷା ଦିଆଯିବ । ଏହି ମଣ୍ଡଳ ପ୍ରଶିକ୍ଷଣ ବର୍ଗରେ ମଣ୍ଡଳ ଟିମ, ଶକ୍ତି କେନ୍ଦ୍ର ପ୍ରମୁଖ,ମଣ୍ଡଳ ମୋର୍ଚ୍ଚା ଟିମ, ବୁଥ୍ ପ୍ରମୁଖ,ସକ୍ରିୟ ସଦସ୍ୟ ତଥା ଅନ୍ୟମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।

ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ କମିଟି ଗଠିତ

ଅନୁଗୋଳ,୭/୪(ନି/ପ୍ର): ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ କମିଟି ଜିଲ୍ଲା ସଭାପତି ସୌମେନ୍ଦ୍ର ଦେହୁରୀଙ୍କ ଦ୍ୱାରା ଗଠିତ ନୂତନ କମିଟି ଗତକାଲି ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁଙ୍କ ଅନୁମୋଦନ ଲାଭ କରିଛି । ନୂତନ କମିଟିରେ ଉପସଭାପତି ଭାବେ ସର୍ବଶ୍ରୀ ପ୍ରାଣବନ୍ଧୁ ପ୍ରଧାନ, ପ୍ରଦୀପ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦିଲ୍ଲିପ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ବସନ୍ତ କୁମାର ବିଶୋୟୀ, ଶିଶିର କୁମାର ପାଳ, ମନୋଜ କୁମାର ଦାସ, ଅଶୋକ କୁମାର ବିଶୋୟୀ, ବିରଚି ସାହୁ, ବିଭୁତି ଭୂଷଣ ସାହୁ, ବିପିନ ପାତ୍ର, ଆଲୋକ ଦେହୁରୀ, ଜୟନ୍ତ କୁମାର ପ୍ରଧାନ, ବିମଳ ପ୍ରଧାନ, ସୁମିତ କୁମାର ସାହୁ, ହେମନ୍ତ ଦେହୁରୀ, ଧିରେନ ପ୍ରଧାନ, ମିହିର କୁମାର ପାଳ, ପ୍ରମୋଦ କୁମାର ସାହୁ, ଭାଗିରଥି ନାୟକ, ଗୋପିନାଥ ସାହୁ ଓ କୋଷାଧ୍ୟକ୍ଷ ଭାବେ ଲୋକନାଥ ସାହୁଙ୍କୁ ନିଯୁକ୍ତି କରାଯାଇଛି । ସେହିପରି ଅନୁଗୋଳ ବ୍ଲକ ପାଇଁ ବନବିହାରୀ ପ୍ରଧାନ, ଆଠମଲ୍ଲିକ ବ୍ଲକ ପାଇଁ ଜୟଲାଲ ବିଶ୍ୱାଳ, ବନରପାଳ ବ୍ଲକ ପାଇଁ ସୁଶାନ୍ତ ମହାପାତ୍ର, ଛେଣ୍ଡିପଦା ବ୍ଲକ ପାଇଁ ତ୍ରିନାଥ ସାହୁ, କିଶୋର ନଗର ବ୍ଲକ ପାଇଁ କନ୍ଦର୍ପ ପ୍ରଧାନ, କଣିହାଁ ବ୍ଲକ ପାଇଁ ସୁଶାନ୍ତ ଶଶୀକାନ୍ତ ସାମଲ, ପଲଲହଡା ବ୍ଲକ ପାଇଁ ପ୍ରଶାନ୍ତ କୁମାର ପ୍ରଧାନ, ତାଳଚେର ବ୍ଲକ ପାଇଁ ସୁଧୀର କୁମାର ବେହେରା, ଅନୁଗୋଳ ନଗରପାଳିକା ପାଇଁ କସିଦା ଖାନ, ଆଠମଲ୍ଲିକ ପୌରପାଳିକା ପାଇଁ ମନୋଜ ପ୍ରଧାନ, ପାଲଲହଡା ପୌରପାଳିକା ପାଇଁ ପ୍ରତାପ କୁମାର ପାଳ ଓ ତାଳଚେର ନଗରପାଳିକା ପାଇଁ ସନ୍ତୋଷ ମହାରଣା ଙ୍କୁ ମନୋନୀତ କରାଯାଇଛି । କମିଟିରେ ନିମନ୍ତ୍ରିତ ସଦସ୍ୟ ଭାବେ ସସ୍ମିତା ବେହେରା, ସୁନୀଲ କୁମାର ପ୍ରଧାନ, ଅମ୍ବିକା ପ୍ରସାଦ ଭଟ୍ଟ, ପ୍ରଫୁଲ୍ଲ କୁମାର ଦାସ, ଫକୀର ମୋହନ ସାମଲ, ନରୋତ୍ତମ ନାଏକ, ହିମାଂଶୁ ଚାଉଳିଆ, ଭଜମନ ଦାସ, ସନତ କୁମାର ପ୍ରଧାନ ରହିଥିବା ଏକ ପ୍ରେସ ଇସ୍ତାହାରରେ ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି ।

କେନ୍ଦୁଆପଦା ଶ୍ରୀରାମ ନବମୀ ଉଦ୍‌ଯାପିତ

ଭଦ୍ରକ,୭/୪(ନି/ପ୍ର): ଏହି ବ୍ଲକ କେନ୍ଦୁଆପଦା ଠାରେ ୯ ଦିନ ବ୍ୟାପି ଚାଲିଥିବା ଶ୍ରୀରାମ ନବମୀ ଉତ୍ସବ ଉଦଯାପିତ ହୋଇଯାଇଛି । ସ୍ଥାନୀୟ ବଣିକ ସଂଘ ଆନୁକୁଲ୍ୟେର ଗତ ୨୭ ତାରିଖ ଠାରୁ ଏହା ଆରମ୍ଭ ହୋଇ ଶନିବାର ରାତ୍ରେର ଶେଷ ହୋଇଛି । ବିଭିନ୍ନ ଦିବସେର ଆଧାମ୍ତିକ ଓ ସାଂସ୍କୃତିକ କାଯ୍ୟର୍କ୍ରମ ସହ ଶେଷ ଦିବସେର ପାରାୟଣ ଓ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

ବାଂଶପାଳ ବ୍ଲକରେ ଆମ୍ ଆଦମୀ ପାର୍ଟିର ସଂଗଠନ ସଭା : ପାଣି ସମସ୍ୟାକୁ ନେଇ ତୀବ୍ର ଆଲୋଚନା

କେନ୍ଦୁଝର,୭/୪(ନି/ପ୍ର): କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ତେଲକୋଇ ନିର୍ବାଚନ ମଣ୍ଡଳୀ ସଂଯୋଜକ ସନ୍ତୋଷ କୁମାର ବାରିକଙ୍କ ନେତୃତ୍ୱରେ ଏକ ସଂଗଠନ ମୂଳକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ନୂତନ ସଦସ୍ୟମାନଙ୍କ ଯୋଗଦାନ ସହିତ ସ୍ଥାନୀୟ ସମସ୍ୟାମାନଙ୍କୁ ନେଇ ଗଭୀର ଆଲୋଚନା କରାଯାଇଥିଲା । ସଭାରେ ବିଶେଷକରି ବାଂଶପାଳ ବ୍ଲକର ବିଭିନ୍ନ ଅଂଚଳରେ ପାଣି ଯୋଗାଣ ବନ୍ଦ ହେବା ଓ ପିଇବା ଜଳ ସଙ୍କଟ ନେଇ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଥିଲା । ବିଶାଳ ଅଂଚଳରେ ପାଣି ଯୋଗାଣ ବିଚ୍ଛିନ୍ନ ହୋଇଥିବାରୁ ସାଧାରଣ ଲୋକମାନେ ଭୟଙ୍କର ଅସୁବିଧାରେ ପଡୁଥିବା କଥା ସଭାରେ ଉଠିଥିଲା । ସୁମିତ୍ରା ପ୍ରଧାନ, ଫଚାନନ ଖମାଣିଆ, ଝୁନୁ ଦେହୁରୀ, ଚତୁର୍ଭୁଜ ପ୍ରଧାନ, ରବିକାନ୍ତ ପ୍ରଧାନ, ନବୀନ କୁମାର ପ୍ରଧାନ ଓ ପ୍ରକାଶ ନାୟକ ପ୍ରମୁଖ ଏହି ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିବା ବିଷୟ ମଧ୍ୟ ସଭାରେ ଉଲ୍ଲେଖ କରିଥିଲେ । ସେମାନେ କହିଥିଲେ ଯେ ଦୀର୍ଘଦିନ ଧରି ଏହି ସମସ୍ୟା ଚାଲିଆସୁଛି, କିନ୍ତୁ ପ୍ରଶାସନ ପକ୍ଷରୁ ଯଥାର୍ଥ ସମାଧାନ ହେଉନାହିଁ । ଏହା ସହିତ ଜିଲ୍ଲାପାଳଙ୍କ ଗତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫୭ ଗୋଟି

ଅଭିଯୋଗ ଆସିଥିଲା । ଏହାର କଣ ସମାଧାନ କରାଗଲା ତାହା ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପଚାରିବା ନିମନ୍ତେ ସଭାରେ ନିଷ୍ପତି ନିଆଯାଇଥିଲା । ଲୋକମାନଙ୍କ ପ୍ରାଥମିକ ସମସ୍ୟା ସମାଧାନ ପାଇଁ ଆମ ଆଦମୀ ପାର୍ଟି ସଦା ସଚେତନ ଓ ପ୍ରତିବଦ୍ଧ ରହିବ ବୋଲି ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ କହିଥିଲେ । ସଭା ଶେଷରେ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଓ ସ୍ଥାନୀୟ ଲୋକମାନଙ୍କ ସମସ୍ୟାକୁ ଆଗକୁ ଆଣିବା ପାଇଁ ସମସ୍ତ ସଦସ୍ୟଙ୍କୁ ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ ଆହ୍ୱାନ କରିଥିଲେ ।

ବଲାଙ୍ଗୀରରେ ନିତି, ଅନୀତି ଓ ରାଜନୀତିକୁ ନେଇ ଆଲୋଚନାଚକ୍ର

ବଲାଙ୍ଗୀର,୭/୪(ନି/ପ୍ର): ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷ ରେ ଓଡ଼ିଶା ସାମ୍ବାଦିକ ସଂଘ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ନିତି, ଅନୀତି ଓ ରାଜନୀତି ଶୀର୍ଷକ ଆଲୋଚନା ଚକ୍ର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଙ୍କ ଅଧକ୍ଷତା ରବିବାର ଅନୁଷ୍ଠିତ ହୋଇଥିଲା । ଆଲୋଚନା ଚକ୍ର ରେ ଅତିଥି ରୁପେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ମୁଖ୍ୟ ବକ୍ତା ରୁପେ ପୁର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ: ଅରୁଣ କୁମାର ସାହୁ, ବକ୍ତା ରୁପେ ଯୁବନେତା, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ , ପୁର୍ବତନ କଟାଂବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂହ ସାଲୁଜା, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ତଥା ବକ୍ତା ମାନେ ନିତି, ଅନୀତି ଓ ରାଜନୀତି ନେଇ ନିଜର ବକ୍ତବ୍ୟ ରଖିଥିବା ବେଳେ ନିୟମ, ସଂଯମ,ଶୃଙ୍ଖଳା, ସଦ ବିଚାର, ସୁସ୍ଥ ବିଚାର , ସୁଶାସନ, ଶାନ୍ତି ଓ ପ୍ରଗତି ହିଁ ନିତି ହୋଇଥିବା ବେଳେ ଅଧର୍ମ, ଅନ୍ୟାୟ, ଶୋଷଣ ଦୁର୍ନୀତି ହେଉଛି ଅନୀତି ବୋଲି ବକ୍ତାମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସେହି ପରି ନିତି ଦ୍ୱାରା ରାଜନୀତି ପରିଚାଳିତ ହେଲେ ସମାଜ ଓ ରାଷ୍ଟ୍ରର ମଙ୍ଗଳ ସମ୍ଭବ ହୋଇ କହିଥିଲେ । ପ୍ରାକ୍ ସ୍ୱାଧୀନତା ଠାରୁ ସାମ୍ପ୍ରତିକ ସମୟ ମଧ୍ୟରେ ନୀତି ଅନୀତି ଓ ରାଜନୀତି କୁ ଅନେକ ଯୁକ୍ତି ଉପସ୍ଥାପନା କରିଥିଲେ ବକ୍ତାମାନେ । ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ସଚେତନ ହେଲେ ପରିବାର ବାଦ ରାଜନିତିର ବିଲୟ ସମ୍ଭବ, ବିକାଶ ପ୍ରକ୍ରିୟାର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପ୍ରଶ୍ନ ଉତ୍ଥାପନ କଲେ, ରାଜ ନୀତି ଦୁର୍ନୀତି ମୁକ୍ତ ହେଲେ ନିତି ସମ୍ଭବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଦୟାନିଧି ସାହୁ, ନବୀନ ପଶାୟତ, ଦୀପକ ସମାଜଦାର, ପ୍ରଭାନ ଜିତ୍ ସିଂହ ସାଲୁଜା, ସଦାଶିବ ସରାଫ ପ୍ରମୁଖଙ୍କୁ ସ୍ୱର୍ଗତ ଶଙ୍କର ପ୍ରସାଦ ମିଶ୍ର, ସ୍ୱର୍ଗତ ଉତମା ନାଏକ, ସ୍ୱର୍ଗତ ବାଳ କୃଷ୍ଣ ହୋତା, ସ୍ୱର୍ଗତ କୈଳାସ ସାହୁ, ସ୍ୱର୍ଗତ ରାମ କୁମାର ଅଗ୍ରୱାଲ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ହରି ନାରାୟଣ ପୁଝାରୀ, ନରେଶ ସାହୁ, ଶରତ ଚନ୍ଦ୍ର ମିଶ୍ର, ଘଟେଶ୍ୱର୍ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ସୁଧିର ପଣ୍ଡା,ସୁବାଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ତ୍ରିପାଠୀ, ସଞ୍ଜୟ ବେହେରା, ସଞ୍ଜୟ ନାୟକ, ଅଞ୍ଜନ ପଧାନ, ଦିଲୀପ ମେହେର, ଗୁପ୍ତେଶ୍ୱର ପୃଷ୍ଟି, ଭଗବାନ ମହାନ୍ତି, ବଂଟି ଅଗ୍ରୱାଲ, ରଶ୍ମି ରଞ୍ଜନ ପୁଟେଲ,ନରେନ୍ଦ୍ର ଭୋଇ, ଉମାକାନ୍ତ ପ୍ରଧାନ, ସତ୍ୟପ୍ରିୟ ମିଶ୍ର, ଦିଲୀପ ଭୋଇ, ସଚି ବରର୍ତ୍ତ ସମେତ ସହରର ବୁଦ୍ଧିଜିବୀ ଯୋଗଦେଇଥିଲେ । ଶେଷରେ ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତ ହ୍ୟାଣ୍ଡବଲ ଦଳର ବ୍ରୋଞ୍ଜ ପଦକ ହାସଲ

କେନ୍ଦୁଝର,୭/୪(ନି/ପ୍ର): ଉଜବେକିସ୍ତାନର ତାସକେଟଂ ଠାରେ ଗତ ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇଥିବା ସେଟ୍ରାଂଲ ଏସିଆ ହ୍ୟାଣ୍ଡବଲ ଚମ୍ପିଆନସିପରେ ଭାରତୀୟ ଦଳ ଉଚ୍ଚକୋଟୀର ଖେଳପ୍ରଦର୍ଶନ କରି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏହି ଚମ୍ପିଆନସିପରେ ୧୧ଟି ଦେଶ ଭାଗ ନେଇଥିଲେ । ଭାରତ ତାର ପ୍ରଥମ ଲିଗ ମ୍ୟାଚ ଉଜବେକିସ୍ତାନ ଠାରୁ କଡା ସଂଘର୍ଷ ରେ ହାରି ଥିଲା । ତା ପରେ କାଜାକିସ୍ଥାନ, ତୁର୍କମେନିସ୍ଥାନ ଓ ଆସ୍ଥାନୀୟା ଠାରୁ ଜିତି କ୍ବାଟର ଫାଇନାଲକୁ ଯାଇଥିଲା । ସେଠାରେ କୋଚଙ୍କ ସଠିକ ରଣନିତୀ ଓ ଖେଳାଳୀଙ୍କ ଅଦଳ ବଦଳ ଯୋଗୁ ଟିମ ସେମିଫାଇନାଲରେ ପହଚିଂଥିଲା । ସେମିଫାଇନାଲ ରେ ପୁଣି ଥରେ ଘରୋଇ ଦଳ ଠାରୁ ହାରିଥିଲା ଭାରତ । ହେଲେ ପଦକ ପାଇଁ କାଜାକିସ୍ଥାନ ସହ ଭଲ ଖେଳପ୍ରଦର୍ଶନ କରି ୩ଟି ଗୋଲ ରେ ଜିତି ବ୍ରୋଞ୍ଜ ପଦକ ହାସଲ କରିଛି ଭାରତ । ଏହି ଭାରତୀୟ ଦଳରେ ଓଡ଼ିଶା ତଥା କେନ୍ଦୁଝରର ଖେଳାଳୀ ରାଜାରାମ ପଣ୍ଡା ନିଜ ଖେଳ ନୈପୁନ୍ୟକତା ଦେଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ୬ଟି ମ୍ୟାଚ ରେ ସର୍ବାଧିକ ୨୯ ଟି ଗୋଲ କରିଥିଲେ । ଅନ୍ୟ ଦେଶର ଖେଳାଳୀ ତାଙ୍କୁ ଅନେକ ପ୍ରଶଂସା କରିଥିଲେ । ଉଜବେକିସ୍ତାନ ଅଲମ୍ପିକ ସଂଘର ସଭାପତି ସମସ୍ତଙ୍କୁ ପଦକ ପ୍ରଦାନ କରିଥିଲେ । ଏହିଦଳ କୁ ଭାରତୀୟ ହ୍ୟାଣ୍ଡବଲ ସଂଘ ତଥା ରାଜ୍ୟ ସଂଘର କର୍ମକର୍ନ୍ତାମାନେ ଶୁଭେଛା ଜଣାଇଛନ୍ତି । ଭାରତୀୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ପ୍ରଶିକ୍ଷିକ ପ୍ରଣୟ କୁମାର ପାଣିଙ୍କୁ ଆଗାମୀ ଜୁଲାଇରେ ବାଙ୍ଗଲାଦେଶ ରେ ହେବାକୁ ଥିବା ଜୁନିୟର ଆନ୍ତଃଜାତୀୟ ହ୍ୟାଣ୍ଡବଲ ଟ୍ରଫି ଟିମ ର ପ୍ରଶିକ୍ଷକ ହେବାକୁ ନିମନ୍ତ୍ରଣ ଦେଇଛି । ଏହାକୁ ନେଇ ଜିଲା ହ୍ୟାଣ୍ଡ ବଲ ସଂଘର ସଭାପତି , ସମ୍ପାଦକ ରିତିକ ଅଧିକାରୀ ତଥା କ୍ରିଡା ସଂସ୍ଥାର ସମ୍ପାଦକ ସଂଗ୍ରାମ ପଟନାୟକ ଶୁଭେଛା ଜଣାଇଛନ୍ତି ।

ପ୍ରାକ୍ତନ ଶିକ୍ଷା ପରିଦର୍ଶକ ନଟବର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୭/୪(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଙ୍ଗଠନ ତରଫରୁ ପ୍ରାକ୍ତନ ଶିକ୍ଷା ପରିଦର୍ଶକ ବିଶିଷ୍ଟ ଶିକ୍ଷାବିତ୍ ଲୋକପ୍ରିୟ ଆଦର୍ଶ ପ୍ରଧାନ ଶିକ୍ଷକ ଓ ସମାଜସେବୀ ସ୍ୱର୍ଗତ ନଟବର ଦାସଙ୍କୁ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ସଙ୍ଗଠନର ସଭାପତି ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରାଯାଇଥିଲା । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତମ ଜେନା ଶ୍ରଦ୍ଧାଞ୍ଜଳି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱର୍ଗତ ଦାସଙ୍କ ଦୀର୍ଘ ଶିକ୍ଷକ ଓ ପ୍ରଶାସନିକ ଜୀବନର ଅଭିଜ୍ଞତା ଅନୁଭୂତି ଓ ଆଦର୍ଶମୟ କାହୁଣୀ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଙ୍ଗଠନର ବରିଷ୍ଠ ଉପଦେଷ୍ଟା ମନ୍ମଥ କୁମାର ରାୟ ଓ ପ୍ରଫୁଲ୍ଲ କୁମାର ଜେନା ପଠାଇଥିବା ଶ୍ରଦ୍ଧାଞ୍ଜଳି ବାର୍ତା ପାଠ କରାଯାଇଥିଲା । ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ନରହରି ପାତ୍ର, କମ୍ପାନୀ ସାଥି ସୋମନାଥ ପଢିହାରୀ, ଦୁର୍ଗାଚରଣ ସାହୁ, ଭାଗବତ ସାହୁ, କୈଳାସ ପଟ୍ଟନାୟକ, ଶାନ୍ତ ଚୌଧୁରୀ, ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ସ୍ୱାଇଁ, ନିତ୍ୟାନନ୍ଦ ପରିଡ଼ା, ମାଗୁଣୀ ଚରଣ ବିଶ୍ୱାଳ ସ୍ୱର୍ଗତ ଦାସଙ୍କ ଶାନ୍ତ ସରଳ ଅମାୟିକ ଜୀବନ ଓ ଲୋକପ୍ରିୟତାର ବହୁ ଉଦାହରଣ ଦେଇ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧୀର କୁମାର ମହାନ୍ତି, ବିଜୟ କୁମାର ମହାନ୍ତି, ଅଧିର ନାୟକ, ଗୌରାଙ୍ଗ ଚରଣ ନାୟକ, ଧରଣୀଧର ବେହେରା, ବିଜୟ କୁମାର ପାତ୍ର, ସନାତନ ତରାଇ, ଗୋପୀନାଥ ଦାଶ, ନିରଞ୍ଜନ ସାମଲ, ପ୍ରଭୃତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିବାର ତରଫରୁ ସଭାରେ ଉପସ୍ଥିତ ଥିବା ସ୍ୱର୍ଗତ ଦାଶଙ୍କ ସମସ୍ତ ଘନିଷ୍ଠ ସହକର୍ମୀ ବନ୍ଧୁ, ସାଥି, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତ ଦାସଙ୍କ ପୁଅ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀମାନେ ଭାବ ବିହ୍ୱଳ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିକ୍ଷକ ନେତା ସମାଜସେବୀ ବିଜୟ କୁମାର ପାତ୍ର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଐତିହ୍ୟ ଗଣ ଦୌଡ଼ ଅନୁଷ୍ଠିତ

ଖୋର୍ଦ୍ଧା,୭/୪: ଓଡ଼ିଶାର ଅସ୍ମିତା, ଓଡ଼ିଆର ପରମ୍ପରା , କଳା ଓ ସଂସ୍କୃତି କୁ ପୁନଃର୍ଜିବୀତ କରିବା ତଥା ଏହାର ମହତ୍ୱ ପ୍ରତ୍ୟେକ ଓଡିଆଙ୍କ ମନରେ ଜାଗ୍ରତ କରିବା ଉପଲକ୍ଷେ ଓଡ଼ିଆ ପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଉଅଛି କ୍ଷ ଓଡ଼ିଶାର ଗୌରବମୟ ଇତିହାସ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଛି । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଭଳି ଯୋଦ୍ଧା ନିଜ ଜୀବନକୁ ପଛରେ ପକାଇ ସ୍ୱାଧୀନତା ସଂଗ୍ରାମରେ ପାଇକ ମେଳି କରି ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିବା ବେଳେ ତତ୍କାଳୀନ ବି ଜେ ବି ଉଚ୍ଚ ବିଦ୍ୟାଳୟର ଛାତ୍ର ଶହୀଦ ଦିବାକର ପରିଡ଼ା ମାତ୍ର ୩୨ ବର୍ଷ ବୟସରେ ଦୁର୍ଦ୍ଧର୍ଷ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠେଙ୍ଗାରେ ଯୁଦ୍ଧ କରି ଅତ୍ୟାଚାରକୁ ବିରୋଧ କରିଥିବାରୁ,ବ୍ରିଟିଶ୍ ସରକାର ତାଙ୍କୁ ଫାଶୀ ଖୁଂଟରେ ଝୁଲାଇଦେଇଥିଲେ । ଏଭଳି ସିଂହ ପରି ଓଡ଼ିଶାର ବରପୁତ୍ର ମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବସୁରୀ ମାନଙ୍କ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲ୍ଲାର ଗାରିମାକୁ ଉଜ୍ଜୀବିତ କରି ରଖିବାକୁ ଆଜି ବି ଜେ ବି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଏବଂ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଆୟୋଜିତ ଐତିହ୍ୟ ଗଣ ଦୌଡ଼ ସମାବେଶରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ

ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼ର ଆୟୋଜନ

କେନ୍ଦୁଝର, ୭/୪(ନି/ପ୍ର):ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଇଛି ଐତିହ୍ୟ ଗଣଦୌଡ । ଓଡ଼ିଆ ପକ୍ଷର ପଂଚମ ଦିବସରେ ଆଜି କେନ୍ଦୁଝରଠାରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ଯାଏଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା ।ଏଥିରେ ଶହ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା । ଏଥିସହିତ ଏହି ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ଅପଲୋଡ଼ ମଧ୍ୟ କରିଥିଲେ । ଆଜିର କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦୌଡ଼ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ ।

ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ରାମଲୀଳା ପାଳିତ

କେନ୍ଦ୍ରାପଡ଼ା,୭/୪(ନି/ପ୍ର): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ଚାଲିଥିବା ନବଦିନ ବ୍ୟାପୀ ପ୍ରଭୁ ଶ୍ରୀରାମଙ୍କ ଲୀଳା ମହାସମାରୋହରେ ପାଳିତ ହେଉଅଛି । ଆଜି ମହାପ୍ରଭୁଙ୍କ ନବଦିନ ଯାତ୍ରାର ଅନ୍ତିମ ତଥା ନବମ ଦିବସରେ ଭକ୍ତିମୟ ପରିବେଶ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାମ ଟୁଙ୍ଗି ସମ୍ମୁଖରେ ମହାପ୍ରଭୁଙ୍କ ପୂଜାପଣ୍ଡା କମିଟିର ସଦସ୍ୟମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଉତ୍ସାହିତ କରାଯିବା ସହ ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଶ୍ରୀରାମଙ୍କ ଜୀବନ ଆଧାରିତ ଏହି

ଭିନ୍ନକ୍ଷମ ନାବାଳିକାଙ୍କୁ ଗର୍ଭବତୀ କରି ଅଭିଯୁକ୍ତ ଫେରାର : ମୁର୍ଗାଗୋଠ ଗ୍ରାମରେ ଉତେଜନା

ହାଟଡିହି,୭/୪(ନି/ପ୍ର): ଭିନ୍ନକ୍ଷମ ନାବାଳିକାଙ୍କୁ ୪ମାସ ତଳେ ଦୁଷ୍କର୍ମ କରି ଫେରାର ହୋଇଯାଇଛି ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ। ଘଟଣା ପ୍ରଘଟ ହେବାପରେ ଆଜି ଗ୍ରାମବାସୀଙ୍କ ମଧ୍ୟରେ ଉନ୍ତେଜନା ପ୍ରକାଶ ପାଇଛି । ଉତ୍ୟକ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଗାଁ ରେ ଥିବା ସଂଖ୍ୟଲଘୁ ସମ୍ପ୍ରଦାୟର ଧର୍ମପୀଠ ଠାରେ ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି । ଆନନ୍ଦପୁର ଥାନା ମୁର୍ଗାଗୋଠ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଖବରପାଇ ଜିଲ୍ଲା ଏସପି, ଆନନ୍ଦପୁର ଏସଡପିଓ , ସମସ୍ତ ଥାନା ଅଧିକାରୀ ପୁଲିସ ଫୋର୍ସ ସହ ଆସି ପହଚିଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା ଚଳାଇଛନ୍ତି । ପ୍ରାୟ ୪ମାସ ତଳେ ଗାଁର ନାବାଳିକା ଭନ୍ନକ୍ଷମ ଯୁବତୀ ନାଳକୁ ଗାଧୋଇ ଯାଇଥିବା ସମୟରେ ଗାଁର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲା । ହେଲେ ଏ ସମ୍ପର୍କରେ ଭୟରେ ପରିବାର ଲୋକଙ୍କୁ ଜଣାଇନଥିଲେ ପୀଡ଼ିତା । ଗତକାଲି ନାବାଳିକା ଜଣଙ୍କ ଅସୁସ୍ଥ ହେବାରୁ ତାଙ୍କୁ ମେଡିକାଲ ନେଇଥିଲେ ପରିବାର ଲୋକେ । ସେହିଠାରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣା ପଡିଥିଲା । ଏବେ ପୁଲିସ ଶାନ୍ତି କମିଟି ଗଠନ କରି ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଛି । ତେଣେ ଅଭିଯୁକ୍ତଙ୍କୁ ଧରିବା ଲାଗି ବି ପୁଲିସ ତତ୍ପର ହୋଇଉଠିଛି ।

ବିବିଧା

ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

ବୃଷ: ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମିଥୁନ: ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କାମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

କର୍କଟ: ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସନ୍ତାନ ହାନି ଯୋଗ ଅଛି। ବାଣିଜ୍ୟ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

କନ୍ୟା: କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

ତୁଳା: ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ମକର: କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

କୁମ୍ଭ: କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଘୋଟି ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯-ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ କରି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ

ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ଦ୍ରବ୍ୟ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକ୍ସାଇଡ୍, ବେନଜେନ, ଫର୍ମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦୟନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ଦିନିକିଆ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମାରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କେଟାଟୁମ୍ବୋ ଲାଇଟ୍‌ନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏତେ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।

'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଛନ୍ତି ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନିଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ବେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକି ଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।

ବିଶ୍ୱ ଆଘାତ ଦିବସ



ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଅବସାଦ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍ଆରଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

ଶିଶୁ କର୍କଟ
ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି

ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡ଼ିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।

ଶିଶୁ କର୍କଟ ଏକ ବିରଳ ରୋଗ। ପ୍ରଦୂଷଣ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ କିଡନୀ ଟ୍ୟୁମରର ବିପଦ

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ କିଡନୀ ଟ୍ୟୁମର (ବୃକକ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

ଲକ୍ଷଣକୁ ବୁଝନ୍ତୁ: ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଅବସାଦ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ବାରମ୍ବାର ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ: ତେଲ ଲୁଣ, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ତାଜା ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କ ଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିରୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁ ନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାରମ୍ଭିକ ଅବସ୍ଥାରୁ ଜଣାପଡ଼ିଥାଏ।

ସ୍ମାର୍ଟ ଡେଣ୍ଟାଲ ମେସିନ୍: ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ

ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍ ଓ ଏଆର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡ଼ା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଆପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାରେ ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।

- ସଜନା ପତ୍ରକୁ ଛାଇରେ ଶୁଖାଇ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଅବସାଦ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୮ ଏପ୍ରିଲ ୨୦୨୬

ସମ୍ରାଟଙ୍କ ସମାଜବାଦ

ଆୟିନ୍ ର୍ୟାଣ୍ଡଙ୍କ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ''ଯୁକ୍ତିଯୁକ୍ତ ଆତ୍ମସ୍ୱାର୍ଥ'' ବା ''ରେସନାଲ୍ ସେଲ୍ଫ ଇଣ୍ଟେରେଷ୍ଟ'' ଦ୍ୱାରା ପରିଚାଳିତ ହୋଇ ନିଜ ପାଇଁ ସଂପଦ ସୃଷ୍ଟି କରିବାରେ ପ୍ରବୃତ୍ତ ହେଲେ ତାହାର ମିଳିତ ସୁଫଳ ସ୍ୱରୂପ ସେ ସମାଜ ବା ଗୋଷ୍ଠୀ ସର୍ବାଧିକ ସଂପଦର ଅଧିକାରୀ ହୋଇଥାଏ । ସୁପ୍ରିମ୍ କୋର୍ଟଙ୍କ ରାୟ ସେଇ ଲକ୍ଷ୍ୟ ହାସଲ ପାଇଁ ପଥ ପରିଷ୍କାର କରିଛି । ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏକ ନ'ଜଣିଆ ବେଞ୍ଚ ଦେଶରେ ସଂପତିର ଘରୋଇ ମାଲିକାନା ପୁନଃସ୍ଥାପନ କରିବା ପାଇଁ ରାୟ ଦେବା ଅବସରରେ ଅତୀତରେ ଏ ସଂପର୍କରେ ସେମାନଙ୍କର ଜଣେ ପ୍ରଖ୍ୟାତ ପୂର୍ବସୂରୀ ପ୍ରକାଶ କରିଥିବା ବହୁଚର୍ଚ୍ଚିତ ଅଭିମୁଖ୍ୟକୁ ଆଲୋଚନା ପରିସରଭୁକ୍ତ କରିବାକୁ ଓ ତାହାର ଖଣ୍ଡନ କରିବାକୁ ଉଚିତ ମନେ କରିଛନ୍ତି । ଏହି ଦିବଂଗତ ନ୍ୟାୟାଧୀଶ ହେଉଛନ୍ତି ପଦ୍ମବିଭୂଷଣ ସମ୍ମାନ ଦ୍ୱାରା ଭୂଷିତ ଜଷ୍ଟିସ୍ ବୈଦ୍ୟନାଥପୁରମ୍ ରାମ ଆୟାର୍ କ୍ରିଷ୍ଣା ଆୟାର ଯିଏ ୧୯୭୮ରେ ଏକ ମାମଲାରେ ନିଜର ସଂଖ୍ୟାଲଘୁ ନିର୍ଦ୍ଦେଶ ପ୍ରଦାନ କରି କହିଥିଲେ ଯେ ଘରୋଇ ମାଲିକାନାରେ ଥିବା ପାର୍ଥିବ ସମ୍ବଳମାନଙ୍କୁ ମଧ୍ୟ ଗୋଷ୍ଠୀର ସମ୍ବଳ ରୂପେ ବିଚାର କରାଯାଇପାରିବ । ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଜଷ୍ଟିସ୍ ଆୟାରଙ୍କର ଏହି ମତାମତକୁ ଏକ ନିର୍ଦ୍ଦିଷ୍ଟ ଆଦର୍ଶଗତ ଚିନ୍ତାଧାରାର ଅଂଶ ରୂପେ ଅଭିହିତ କରି ଇତିମଧ୍ୟରେ ଦେଶ ସେଭଳି ଚିନ୍ତାଧାରା ଠାରୁ ଦୂରେଇ ଯାଇ ଚମକପ୍ରଦ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଚେତାଇ ଦେଇଛନ୍ତି । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବଶ୍ୟ ଜଷ୍ଟିସ୍ ଆୟାରଙ୍କର ଏ ଯେଉଁ ଚିନ୍ତାଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହାର ନାମ କାହାରିକୁ ଅଛପା ନୁହେଁ- ସମାଜବାଦ । ଜଷ୍ଟିସ୍ ଆୟାରଙ୍କ ପରି ଜଣେ ବିଚକ୍ଷଣ ନ୍ୟାୟବିତ୍ ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସାଧାରଣତଃ କାର୍ଲ ମାର୍କସ୍‌ଙ୍କୁ ଏହି ରାଜନୈତିକ-ଅର୍ଥନୈତିକ ଚିନ୍ତାଧାରାର ଜନକ ରୂପେ ବିଚାର କରାଯାଉଥିଲେ ହେଁ, ଇତିହାସ ସାରା ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଭଳି ଏକ ନ୍ୟାୟୋଚିତ ଆଦର୍ଶରେ ବିଶ୍ୱାସ କରୁଥିବା ଅନେକ ଦାର୍ଶନିକମାନଙ୍କ ଠାରୁ ରାଷ୍ଟ୍ର ନାୟକମାନଙ୍କ ପର୍ଯ୍ୟନ୍ତ ଏହି ମତବାଦ ଦ୍ୱାରା ଆକର୍ଷିତ ହେବା ଦେଖାଯାଇଛି । ସମାଜବାଦ ଯେ ହେଉଛି ଏକ ଅତ୍ୟନ୍ତ ମହତ୍ ଆଦର୍ଶ, ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସେଇ ଇତିହାସ ସାରା ଦେଖାଯାଇଛି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ ସର୍ବଦା ବିଫଳତା କିମ୍ବା ବିପର୍ଯ୍ୟୟରେ ପରିସମାପ୍ତ ହୋଇଛି । ଆଧୁନିକ ସମୟର ସୋଭିଏତ୍ ରୁଷିଆରୁ ପ୍ରାଚୀନ ରୋମ୍ ପର୍ଯ୍ୟନ୍ତରେ ସମାଜବାଦର ଯେଉଁ ପରାଜୟ ଘଟିବା ଦେଖା ହୋଇଆସିଛି, ତାହା ଏକ ଆଦର୍ଶ ଭାବରେ ଏହି ମତବାଦର କୌଣସି ଦୁର୍ବଳତା ଯୋଗୁଁ ନୁହେଁ, ତାହା ହେଉଛି ମନୁଷ୍ୟ ଚରିତ୍ରର ଅନ୍ତର୍ନିହିତ ସ୍ୱାର୍ଥକୈନ୍ଦ୍ରିକ ଆଭିମୁଖ୍ୟ ଓ ବିଷମ ପାରଦର୍ଶିତା ଯୋଗୁଁ । ସମାଜବାଦର ଏହି ବିଫଳତାର ଏକ ପ୍ରାଚୀନତମ ଉଦାହରଣ ରୂପେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମ୍‌ର ସମ୍ରାଟ୍ ଡାୟୋକ୍ଲିସନ୍ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କରିଥିବା ଉଦ୍ୟମ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଇପାରେ । ନିଜର ପ୍ରଜାମାନେ ଭୋଗୁଥିବା ଦାରିଦ୍ର୍ୟ ଓ ସେଥିଯୋଗୁଁ ସେମାନେ ପ୍ରଦର୍ଶନ କରୁଥିବା ଅସନ୍ତୋଷ ଓ ଅସ୍ଥିରତା ଦ୍ୱାରା ବିଚଳିତ ହୋଇ ସମ୍ରାଟ୍ ଡାୟୋକ୍ଲିସନ୍ ପରିସ୍ଥିତି ସମ୍ଭାଳିବା ନିମିତ୍ତ ଯେଉଁ ଆଦେଶନାମା ଜାରି କରିଥିଲେ ତାହା ଆଜିର ଯେ କେ ?ଣସି ସମାଜବାଦୀ ରାଷ୍ଟ୍ରର ଲକ୍ଷଣମାନ ବହନ କରିଥାଏ ଏବଂ ଯାହାର ଅନେକାଂଶ ସହିତ ଆମେମାନେ ମଧ୍ୟ ସୁପରିଚିତ । ଏହି ଆଦେଶନାମାରେ ସମ୍ରାଟ୍ ବଜାରରେ ଜିନିଷପତ୍ରର ଦର ବୃଦ୍ଧି ଘଟାଇ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟରେ ଯେଉଁ ଏକଚାଟିଆ ବ୍ୟବସାୟୀମାନେ ସେଗୁଡ଼ିକୁ ବଜାରକୁ ନ ଛାଡ଼ି ମହଜୁଦ କରି ରଖୁଥିଲେ, ସେମାନଙ୍କୁ ଧମକ ଦେବା ସହିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ଓ ସେବାମାନଙ୍କର ସର୍ବୋଚ୍ଚ ଦର ନିର୍ଦ୍ଧାରଣ କରିଥିଲେ । ସେ ମଧ୍ୟ ମଜୁରିର ନିର୍ଦ୍ଦିଷ୍ଟ ହାର ନିର୍ଦ୍ଧାରଣ କରିଥିଲେ । ବେକାର ନାଗରିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ସମ୍ରାଟ୍ ବିଭିନ୍ନ କର୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରିଥିଲେ । ଅଭାବଗ୍ରସ୍ତ ଜନସାଧାରଣଙ୍କୁ ଆହାର ଯୋଗାଇବା ନିମିତ୍ତ ପ୍ରଶାସନ ମାଗଣା ଖାଦ୍ୟ ବଣ୍ଟନ ଯୋଜନାମାନ କାର୍ଯ୍ୟକାରୀ କରିଥିଲା । ସରକାର ସମସ୍ତ ଖଣି ଖାଦାନ ସହିତ ସମସ୍ତ ଶିଳ୍ପ ଅନୁଷ୍ଠାନମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ, ଯାହା ଆଧୁନିକ ସମୟରେ ଜାତୀୟକରଣ ନାମରେ ପରିଚିତ । ଯେଉଁ କେତେକ ଶିଳ୍ପ ବ୍ୟବସାୟ ସମ୍ରାଟ୍‌ଙ୍କର ଏହି ସମାଜବାଦୀ ଅଭିଯାନ (ଏହା ପରସ୍ପର-ବିରୋଧୀ ମନେ ହୋଇ ନ ଥାଏ କି ?)ରୁ ବର୍ତ୍ତିଯାଇ ଘରୋଇ କ୍ଷେତ୍ରରେ ବ୍ୟବସାୟ କରୁଥିଲେ, ସରକାର ସେମାନଙ୍କ ଉପରେ ଯେଉଁ ଅସହନୀୟ କର ଭାର ଲଦି ଦେଉଥିଲେ, ତାହା ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । (ଯେମିତି ଜଷ୍ଟିସ୍ ଆୟାରଙ୍କ ସମୟରେ ଭାରତରେ ଆୟ କରର ସର୍ବୋଚ୍ଚ ହାର ଥିଲା ୯୭.୫ ଶତାଂଶ !) ଏହି ବିସ୍ତୃତ ସମାଜବାଦୀ ବ୍ୟବସ୍ଥାର ତଦାରଖ କରିବା ପାଇଁ ସମ୍ରାଟ୍ ଯେଉଁ ବିଶାଳ ଅମଲାତନ୍ତ୍ର ସୃଷ୍ଟି କଲେ ତାହା ଅବିଳମ୍ବେ ଘୋର ଦୁର୍ନୀତିପ୍ରବଣ ହୋଇ ସାଧାରଣ ନାଗରିକମାନଙ୍କୁ ଶୋଷଣ କରିବାରେ ଲାଗିଗଲା । ବ୍ୟକ୍ତିଗତ ବା ଘରୋଇ ସଂପତି ଉପରେ ମାଲିକାନା ହରାଇ, କର ଭାରରେ ଅତିଷ୍ଠ ହୋଇ, ଅମଲାତନ୍ତ୍ର ଦ୍ୱାରା ଅତ୍ୟାଚାରିତ ହୋଇ ହଜାର ହଜାର ସଂଖ୍ୟାରେ ରୋମ୍‌ର ନାଗରିକମାନେ ସୀମା ଅତିକ୍ରମ କରି ରାଜ୍ୟ ବାହାରକୁ ପଳାୟନ କରିବାରେ ଲାଗିଲେ । ସମ୍ରାଟ୍‌ଙ୍କ ସମାଜବାଦ ଶେଷରେ ଭୁଶୁଡ଼ି ପଡ଼ିଲା ଓ ସମ୍ରାଟ୍ ସ୍ୱେଚ୍ଛାରେ ରାଜପଦ ତ୍ୟାଗ କଲେ । ଭାରତୀୟ ଅର୍ଥନୀତି ୧୯୯୦ ଦଶକରେ ତା'ର ସମାଜବାଦୀ ଅଭିଯାନରୁ ନିବୃତ ହୋଇ ଯାତ୍ରାର ଦିଗ ପରିବର୍ତ୍ତନ କରିବାରୁ ଯେ ଏଇଭଳି ଏକ ସମାଜବାଦୀ ବିପର୍ଯ୍ୟୟରୁ ରକ୍ଷା ପାଇଗଲା, ଏଥିରେ କୌଣସି ସନ୍ଦେହ ନାହିଁ । ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଭାରତୀୟ ଅର୍ଥନୀତିର ଏହି ଉଦାରୀକରଣ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଏହି ପରିବର୍ତ୍ତିତ ପରିସ୍ଥିତିରେ ସଂବିଧାନର ଧାରା ୩୯ (ବି)ରେ ଉଲ୍ଲେଖ ଥିବା ''ଗୋଷ୍ଠୀର ପାର୍ଥିବ ସମ୍ବଳ'' ପରିସରରୁ ଘରୋଇ ମାଲିକାନାରେ ଥିବା ସଂପତିସବୁକୁ ପ୍ରାୟ ବାଦ୍ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ କେବଳ ସର୍ବସାଧାରଣଙ୍କ ମଙ୍ଗଳକୁ ପ୍ରଭାବିତ କରୁଥିବା କେତେକ ବିଶେଷ

ଧାଡ଼ିକିଆ ବଜ୍ରପାତ

ସଂପ୍ରତି ରିମୋଟ୍ କଂଟ୍ରୋଲ ବା ଏ.ଆଇ. ପରିଚାଳିତ ଅସ୍ତ୍ର (ଡ୍ରୋନ) ପେଷି ଅତି ଦୂରସ୍ଥ କେ ?ଣସି ସ୍ଥାନରେ ଶହ ଶହ ଅପରିଚିତଙ୍କ ଗଣହତ୍ୟା ଘଟାଉଥିବା ବେଳେ ଜଣେ ବ୍ୟକ୍ତି ନିଜ ବୈଠକ-ଖାନାର ଆରାମଦାୟକ ପରିବେଶରେ ଅତ୍ୟନ୍ତ ନିର୍ଲିପ୍ତ ହୋଇ ରହିପାରେ । କହିବାର ମର୍ମ ହେଲା ଦୂରତା, ପରିଚୟହୀନତା ଓ ପ୍ରତ୍ୟକ୍ଷ ଅସଂପୃକ୍ତି ହେତୁ ନିଷ୍ଠୁର କାର୍ଯ୍ୟ ସଂପାଦନ କରିବା କଷ୍ଟସାଧ ହୋଇ ନ ଥାଏ । 'ଓରାକଲ'ର ସହ ପ୍ରତିଷ୍ଠାତା ଲାରି ଏଲିସନଙ୍କ ସକାଶେ ଛଟେଇ ହୋଇଥିବା ୩୦ ହଜାର କର୍ମଚାରୀ ଅପରିଚିତ ଏବଂ ଦୂର ଭୂଖଣ୍ଡର କେଉଁ ଅଜ୍ଞାତ ଅଂଚଳରେ ଅବସ୍ଥାପିତ ଓ କାର୍ଯ୍ୟରତ, ଯେଉଁମାନଙ୍କୁ ବିନା କୌଣସି ବିବେକ ଦଂଶନରେ ଧାଡ଼ିକିଆ ବଜ୍ରପାତ ଦ୍ୱାରା ଅତି ସହଜରେ ଭସ୍ମୀଭୂତ କରିଦିଆଯାଇପାରେ ଗଲା ମାର୍ଚ୍ଚ ୩୧ ତାରିଖରେ ସୁପ୍ରସିଦ୍ଧ ଆମେରିକୀ ଆଇ.ଟି.(ସୂଚନା ପ୍ରଯୁକ୍ତି) କଂପାନି 'ଓରାକଲ'ର ୩୦ ହଜାର ସରିକି କର୍ମଚାରୀ ସେମାନଙ୍କ ଲାପ୍‌ଟପ୍ ଖୋଲିବା କ୍ଷଣି ଯେଉଁ ଧାଡ଼ିଏ ଅକାଳ ବଜ୍ରପାତର ସାମନା କରିଥିଲେ, ତାହା ଥିଲା ଏହି ଭଳି: 'ୟୁଅର ଜବ୍ ଇଜ ଏଲିମିନେଟେଡ୍', ଅର୍ଥାତ୍ 'ତୁମ ଚାକିରି ଶେଷ' । ପ୍ରକାଶ ଥାଉ କି ଏହି କର୍ମଚାରୀଙ୍କ ମଧ୍ୟରୁ କେବଳ ଭାରତୀୟଙ୍କ ସଂଖ୍ୟା ହେଉଛି ପ୍ରାୟ ୧୨ ହଜାର । କୃତ୍ରିମ ବୁଦ୍ଧିମତା ବା ଏ.ଆଇ.ର ପ୍ରବେଶ ଘଟିବା ପରେ, ୨୦୨୫ ମସିହାରୁ, ଆଇ.ଟି. କଂପାନିଗୁଡ଼ିକ ହିଁ ସର୍ବାଧିକ ସଂଖ୍ୟକ କର୍ମଚାରୀଙ୍କୁ କାର୍ଯ୍ୟାନ୍ତର କରିଛନ୍ତି; କେବଳ ୨୦୨୫ ମସିହାରେ ସେହି ସଂଖ୍ୟା ହେଉଛି ୧.୭ ନିୟୁତ । ସେହି ଧାରା ଅବ୍ୟାହତ ରହି ୨୦୨୬ ମସିହାର ପ୍ରଥମ ଚଉଠ ସରିଲା ବେଳକୁ ବିଭିନ୍ନ ଆଇ.ଟି. କଂପାନି ୪୦ ହଜାରରୁ ଅଧିକ କର୍ମଚାରୀଙ୍କୁ କାର୍ଯ୍ୟ ନିବୃତ କରିସାରିଲେଣି, ଯହିଁରେ ଆମାଜନ (୧୬,୦୦୦) ବା ମେଟା (୧୦୦୦) ଭଳି ପୃଥିବୀର ବୃହତ୍ତମ ଟେକ୍ ? କଂପାନିଗୁଡ଼ିକ ଅନ୍ତର୍ଭୁକ୍ତ । ସଂପ୍ରତି ଏ.ଆଇ. କାରଣରୁ ଶିକ୍ଷିତମାନଙ୍କ ଦ୍ୱାରା ଲୋକାରଣ୍ୟ 'ସଫେଦ କଲାର' କାର୍ଯ୍ୟ କ୍ଷେତ୍ରରେ ଶ୍ମଶାନ ସୁଲଭ ବିଜନତା ସୃଷ୍ଟି ହେବା ଅନିବାର୍ଯ୍ୟ ହୋଇ ପଡ଼ିଥିବା ବେଳେ ଅନେକ ଦିନ ଧରି ସେମାନେ କରି ଆସୁଥିବା କାର୍ଯ୍ୟରୁ ସେମାନଙ୍କ ସଂପର୍କକୁ ଗୋଟିଏ ମାତ୍ର ନିଷ୍ଠୁର ବାକ୍ୟର ଚୋଟରେ ଛିନ୍ନ କରିଦେବା କିଭଳି ହାହାକାରମୟ ପରିସ୍ଥିତି ସୃଷ୍ଟି କରିଥାଏ, ତାହା କେବଳ ଅନୁଭବସାପେକ୍ଷ । ଏଭଳି ସ୍ଥଳେ ଏ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଆବଶ୍ୟକ ହୋଇଥାଏ । ଯଦିଓ, 'ଓରାକଲ'ର ଗଣ ବୃତ୍ତି-ସଂହାର ପଦକ୍ଷେପରେ ଏ.ଆଇ.ର ଭୂମିକା ନିହିତ, ତାହା କିନ୍ତୁ ଅନ୍ୟାନ୍ୟ କଂପାନିଗୁଡ଼ିକ ଭଳି ମନୁଷ୍ୟକୁ ଏ.ଆଇ. ଦ୍ୱାରା ବିସ୍ଥାପିତ କରିବା ଲକ୍ଷ୍ୟରେ ନୁହେଁ; ତାହା ଘଟିଛି ଏ.ଆଇ. ବିକାଶ କ୍ଷେତ୍ରରେ ପ୍ରବେଶ କରିବା ଉଦ୍ୟମରେ ଆବଶ୍ୟକ ବିପୁଳ ପୁଞ୍ଜି ଯୋଗାଡ଼ କରିବା ସକାଶେ ! ଜଣାପଡ଼ିଛି ଯେ ନିଜସ୍ୱ ଏ.ଆଇ. ଡାଟା ସେଣ୍ଟର ଗଢ଼ି ତୋଳିବା ଲାଗି 'ଓରାକଲ' ଏବଂ 'ଓପେନ ଏଆଇ' ୧୫୬ ବିଲିଅନ ଡଲାରର ଚୁକ୍ତିରେ ଆବଦ୍ଧ ହୋଇଛନ୍ତି । ଏ ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ ହେଲା, ବ୍ୟାଙ୍କ ଋଣ ପରିଶୋଧ କ୍ଷେତ୍ରରେ କେତେକ ଅନିୟମିତତା କାରଣରୁ 'ଓରାକଲ'କୁ ଋଣ ଦେବାକୁ ବିତ୍ତୀୟ ଅନୁଷ୍ଠାନଗୁଡ଼ିକ ଅନିଚ୍ଛୁକ, ଯେଉଁଥି ଲାଗି ହୁଏତ କଂପାନିରେ ନିଯୁକ୍ତ ବିଶାଳ ମାନବ ସମ୍ବଳକୁ କାଟଛାଣ୍ଟ କରିବା ଛଡ଼ା ଗତ୍ୟନ୍ତର ନ ଥିଲା । କିନ୍ତୁ, ଆଉ ଏକ ବାସ୍ତବତା ହେଲା, ମାନବ ସମ୍ବଳରେ ଏଭଳି ସହସା ଓ ତୀବ୍ର ସଂକୋଚନ ଘଟାଇବା ମଧ୍ୟ କଂପାନି ପକ୍ଷରେ ସମ୍ଭବ ହୁଅନ୍ତା ନାହିଁ, ଯଦି ଛଟେଇ ହେଉଥିବା କର୍ମଚାରୀଙ୍କ କାର୍ଯ୍ୟ ତୁଲାଇବା ସକାଶେ କଂପାନି ପାଖରେ 'ଏ.ଆଇ.'ର ସାହଚର୍ଯ୍ୟ ଉପଲବ୍ଧ ନ ଥାଆନ୍ତା ! ତେଣୁ, ମନେ ହୁଏ ବାମ, ଦକ୍ଷିଣ ଏବଂ ମଧ୍ୟ; ସର୍ବତ୍ର ଏ.ଆଇ. ବିଦ୍ୟମାନ । ଏଭଳି ସ୍ଥଳେ, ଯାହା ଉଦ୍‌ବେଗର ବିଷୟ, ତାହା ହେଲା ମନୁଷ୍ୟର ବୃତ୍ତି ହଡ଼ପରୁ ଆରମ୍ଭ ହୋଇଥିବା ଏ.ଆଇ.ର ଯାତ୍ରା ମନୁଷ୍ୟର କଳା ହରଣ ସହିତ କାଳାନ୍ତରେ ମନୁଷ୍ୟର ଅସ୍ତିତ୍ୱର ଅବମୂଲ୍ୟାୟନ ଦିଗରେ ଯେ ଅଗ୍ରସର ହେବ, ଏ ନେଇ ପ୍ରାୟ ସମସ୍ତ ଦୂରଦର୍ଶୀ ଚିନ୍ତକ ଏକ ମତ ହୁଅନ୍ତି । ତେବେ, 'ଲକ୍ଷ୍ମଣ ରେଖା' ଅତିକ୍ରମ କରିବାର ଦୁର୍ବାର ଲାଳସା ହେତୁ ମନୁଷ୍ୟ ଏ.ଆଇ.ର ଅଧିକରୁ ଅଧିକ ବିକାଶରେ ନିମଜ୍ଜିତ, ଆତ୍ମଘାତର ଅନିବାର୍ଯ୍ୟ ଆଶଙ୍କା ସତ୍ତ୍ୱେ ! ଏହା ନିଃସନ୍ଦେହ ଯେ ଏ.ଆଇ.ର ଦୁଷ୍ପରିଣାମ ଭୋଗିବାକୁ ବାଧ୍ୟ ହେବେ ମିଲେନିଏଲ୍, 'ଜେନ୍ ଜେଡ୍' ଏବଂ ସେମାନଙ୍କ ପରବର୍ତ୍ତୀ ପିଢ଼ିମାନ । କିନ୍ତୁ ଏଣେ, ଏହି ପିଢ଼ିଗୁଡ଼ିକ ଏ.ଆଇ.ର ସର୍ବାଧିକ ଅନ୍ତରଙ୍ଗରେ ପରିଣତ ହେଉଛନ୍ତି । ସପ୍ତାହକ ତଳେ 'ଫାଷ୍ଟପୋଷ୍ଟ' ନାମକ ଅନଲାଇନ ନ୍ୟୁଜ ଚ୍ୟାନେଲ ଦ୍ୱାରା ପ୍ରସାରିତ ଏକ ସମ୍ବାଦ କହିଥିଲା ଯେ ସଂପ୍ରତି 'ଜେନ୍ ଜେଡ୍' ପିଢ଼ି ସକାଶେ ମାର୍ଗ ଦର୍ଶକ ଭୂମିକାରେ ଅବତୀର୍ଣ୍ଣ ହୋଇଛି ଏ.ଆଇ.; ଉଦାହରଣ ସ୍ୱରୂପ ଚାକିରି ପାଇବା ଲାଗି ଇଣ୍ଟରଭ୍ୟୁର ଅଭ୍ୟାସ ସେମାନେ 'ଚାଟ୍ ଜିପିଟି' ଭଳି ଚାଟ୍‌ବଟ୍‌ଗୁଡ଼ିକ ସହିତ କରୁଛନ୍ତି, ଯେଉଁଠି ଚାଟ୍‌ବଟ୍‌ଗୁଡ଼ିକ କଂପାନିର ମ୍ୟାନେଜର ରୂପେ ସମ୍ଭାବ୍ୟ ପ୍ରଶ୍ନମାନ ପଚାରୁଛନ୍ତି ଏବଂ ଆବଶ୍ୟକ ପଡ଼ିଲେ ଯଥାର୍ଥ ଉତର ମଧ୍ୟ ବତାଇ ଦେଉଛନ୍ତି । ସୁତରାଂ, ଭବିଷ୍ୟତ୍‌ରେ ସ୍ଥିତି ଏମିତି ହୋଇପାରେ ଯେ ବୃତିରେ ପ୍ରବେଶ କରାଇବାରେ ସାହାଯ୍ୟ କରିଥିବା ଏ.ଆଇ. ଛଟେଇ ?ପରିପ୍ରେକ୍ଷୀରେ ପ୍ରବୋଧନା ଦେବା ସହିତ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣରେ ମଧ୍ୟ ସହାୟକ ହେବ । ତେବେ, ଏ.ଆଇ.ର ସୁବିନିଯୋଗ ଏବଂ ତଦ୍ୱାରା ସୁଫଳ ପ୍ରାପ୍ତି ନେଇ ଆଶାବାଦୀମାନେ କହିଥାଆନ୍ତି ଯେ ଏଭଳି ବୃତ୍ତି ବିଲୋପନ ଏକ ଅସ୍ଥାୟୀ ସମସ୍ୟା । ବରଂ ଏ.ଆଇ. ଦ୍ୱାରା ବୃତ୍ତି କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ ଏବଂ ଏ.ଆଇ. ନେଇ ଉପଯୁକ୍ତ ତାଲିମ ହିଁ ନିଯୁକ୍ତି ଯୋଗାଇବ । ଏହା ସତ ହୋଇପାରେ; କିନ୍ତୁ ଉଦ୍‌ବେଗର କାରଣ ରହିଛି ଅନ୍ୟତ୍ର । ଉଦ୍‌ବେଗଟି ହେଲା ଏ.ଆଇ. ନିର୍ଭର ମନୁଷ୍ୟର ମସ୍ତିଷ୍କ କ୍ରମେ ତା'ର ଦାଢ଼ ହରାଇ ସ୍ଥାଣୁ ପାଲଟି ଯିବ ନାହିଁ ତ ? ଏହି ସଂଦର୍ଭରେ ଏଚ.ଜି. ୱେଲ୍‌ସଙ୍କ ପ୍ରସିଦ୍ଧ ଉପନ୍ୟାସ 'ଟାଇମ ମେସିନ' ସ୍ମରଣକୁ ଆସିଥାଏ । କଥାବସ୍ତୁ ଅନୁସାରେ 'ଟାଇମ ମେସିନ'ରେ ଉପବିଷ୍ଟ ଉପନ୍ୟାସର ନାୟକ ଭବିଷ୍ୟତ ଦିଗରେ ପ୍ରାୟ ଆଠ ଲକ୍ଷ ବର୍ଷ ଆଗକୁ ଯାଇ ଆବିଷ୍କାର କରେ ଯେ ୮୦୨୭୦୧ ମସିହା ବେଳକୁ ମନୁଷ୍ୟ ଦୁଇ ପ୍ରଜାତିରେ ବିଭାଜିତ; ଯହିଁରୁ 'ଏଲୋଇ' ନାମକ ପ୍ରଜାତି ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଏବଂ ଯନ୍ତ୍ର ମାଧ୍ୟମରେ ସେମାନେ ସମସ୍ତ କାର୍ଯ୍ୟ ସଂପାଦନ କରୁଛନ୍ତି । ତହିଁରେ ଏଚ.ଜି. ୱେଲ୍ ?ସ ଦର୍ଶାଇବାକୁ ଚାହିଁଛନ୍ତି ଯେ ଯନ୍ତ୍ର ଉପରେ ମାତ୍ରାଧିକ ନିର୍ଭରତା ମନୁଷ୍ୟକୁ ଶାରୀରିକ ଶ୍ରମରୁ ମୁକ୍ତ କରିଛି ସିନା; ବିବର୍ତ୍ତନର ଧାରାରେ ନିକମା ଶରୀରଟି କ୍ରମେ ସଂପୂର୍ଣ୍ଣ ହୀନବଳ ହୋଇଯାଇଛି । 'ଟାଇମ ମେସିନ' ପ୍ରକାଶିତ ହୋଇଥିଲା ୧୮୯୫ ମସିହାରେ । ସେହି ଦିନ ଠାରୁ ମାତ୍ର ୧୩୦ ବର୍ଷ ପୂରୁ ନ ନପୂରୁଣୁ (ଆଠ ଲକ୍ଷ ବର୍ଷ ତ ଦୂରର କଥା) ଶ୍ରମ ଶୂନ୍ୟ ଜୀବନରେ ଶାରୀରିକ ଦୋ ?ର୍ବଲ୍ୟର ପ୍ରାଦୁର୍ଭାବ ସ୍ପଷ୍ଟ ହୋଇ ସାରିଲାଣି । ଏଠାରେ ଏହା ଅବତାରଣା କରିବାର ତାତ୍ପର୍ଯ୍ୟ ହେଲା, ଇଙ୍ଗିତ ଦେବା ଯେ 'ଏ.ଆଇ.' ଉପରେ ମାତ୍ରାଧିକ ନିର୍ଭରଶୀଳତା ହେତୁ ମନୁଷ୍ୟର ମସ୍ତିଷ୍କ ତା'ର ସୂକ୍ଷ୍ମ ଉପଯୋଗିତା ହରାଇବ; ଯଦ୍ୱାରା ବିଚାର, ମନନ, ଚିନ୍ତନ, ସୃଜନ ଆଦିରେ ଶିଥିଳତା ସୃଷ୍ଟି ହେବ । ସୁତରାଂ, ଗୋଟିଏ ପଟେ ଏ.ଆଇ.ର ବିକାଶ ଘଟୁଥିବା ବେଳେ ଅନ୍ୟ ଦିଗରେ ମନୁଷ୍ୟର ମସ୍ତିଷ୍କ ଅଧିକରୁ ଅଧିକ ସ୍ଥବିର ହୋଇ ଚାଲିଥିବ ଏବଂ ଅଚିରେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ମନୁଷ୍ୟର ବୁଦ୍ଧିମତା ଗର୍ଭପାତ ହେବାର ଦୁର୍ଭାଗ୍ୟଜନକ କ୍ଷଣ ଉପସ୍ଥିତ ହେବ ! ତାହା ହିଁ ହେଉଛି ଅସଲ ଉଦ୍‌ବେଗର କାରଣ ! ମନୁଷ୍ୟର ମନ ଓ ଆବେଗ ସଂଦର୍ଭରେ ଚିନ୍ତନ କରୁଥିବା ବିଦ୍ୱାନମାନେ ଅସ୍ତ୍ରଶସ୍ତ୍ରର କ୍ରମବିକାଶ ନେଇ କୌତୂହଳପ୍ରଦ ସିଦ୍ଧାନ୍ତଟିଏ ଦିଅନ୍ତି । ସେମାନଙ୍କ ମତରେ ନିକଟରୁ ପ୍ରହାର କରି ଶିକାରର ଯନ୍ତ୍ରଣା ଦ୍ୱାରା ବିଚଳିତ ହେବାର ଅସ୍ୱସ୍ତିରୁ ମୁକ୍ତି ପାଇବା ଲାଗି ମନୁଷ୍ୟ ଛୁରୀ ସ୍ଥାନରେ ବର୍ଚ୍ଛା ଓ ପରେ ବନ୍ଧୁକର ଉଦ୍ଭାବନ ଘଟାଇଥିଲା । ସଂପ୍ରତି ରିମୋଟ୍ କଂଟ୍ରୋଲ ବା ଏ.ଆଇ. ପରିଚାଳିତ ଅସ୍ତ୍ର (ଡ୍ରୋନ) ପେଷି ଅତି ଦୂରସ୍ଥ କେ ?ଣସି ସ୍ଥାନରେ ଶହ ଶହ ଅପରିଚିତଙ୍କ ଗଣହତ୍ୟା ଘଟାଉଥିବା ବେଳେ ଜଣେ ବ୍ୟକ୍ତି ନିଜ ବୈଠକ-ଖାନାର ଆରାମଦାୟକ ପରିବେଶରେ ଅତ୍ୟନ୍ତ ନିର୍ଲିପ୍ତ ହୋଇ ରହିପାରେ । କହିବାର ମର୍ମ ହେଲା ଦୂରତା, ପରିଚୟହୀନତା ଓ ପ୍ରତ୍ୟକ୍ଷ ଅସଂପୃକ୍ତି ହେତୁ ନିଷ୍ଠୁର କାର୍ଯ୍ୟ ସଂପାଦନ କରିବା କଷ୍ଟସାଧ ହୋଇ ନ ଥାଏ । 'ଓରାକଲ'ର ସହ ପ୍ରତିଷ୍ଠାତା ଲାରି ଏଲିସନଙ୍କ ସକାଶେ ଛଟେଇ ହୋଇଥିବା ୩୦ ହଜାର କର୍ମଚାରୀ ଅପରିଚିତ ଏବଂ ଦୂର ଭୂଖଣ୍ଡର କେଉଁ ଅଜ୍ଞାତ ଅଂଚଳରେ ଅବସ୍ଥାପିତ ଓ କାର୍ଯ୍ୟରତ, ଯେଉଁମାନଙ୍କୁ ବିନା କେ ?ଣସି ବିବେକ ଦଂଶନରେ ଧାଡ଼ିକିଆ ବଜ୍ରପାତ ଦ୍ୱାରା ଅତି ସହଜରେ ଭସ୍ମୀଭୂତ କରିଦିଆଯାଇପାରେ, ତେଣିକି ସେହି ହତଭାଗ୍ୟମାନଙ୍କ ସଂସାର, ସ୍ୱପ୍ନ ଓ ଜୀବନ ଉଜୁଡ଼ି ଯାଉ ପଛକେ !

ଢିଙ୍କିଶାଳରୁ ଢେଙ୍କାନାଳ: ''ଗାନ୍ଧୀ'' ବଦଳରେ ''ରାମ''

ଶୁକ୍ରବାର ଦିନ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେବାର ଅବ୍ୟବହିତ ପୂର୍ବରୁ ବିରୋଧୀ ଦଳଙ୍କ ତୀବ୍ର ପ୍ରତିବାଦ ମଧ୍ୟରେ ପ୍ରସ୍ତାବିତ ''ବିକଶିତ ଭାରତ: ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ)'' - ସଂକ୍ଷେପରେ ''ଭିବି: ଜି ରାମ ଜି'' - ବିଧେୟକ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଗଲା । ୟୁପିଏ ସରକାରଙ୍କ ଅମଳରେ ୨୦୦୫ ମସିହାରେ ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ସଂକ୍ଷେପରେ ''ନରେଗା'') ବଦଳରେ ଲାଗୁ କରାଯାଉଥିବା ଏହି ନୂଆ ଆଇନଟିକୁ କେବଳ ବିରୋଧୀ ଦଳ ନୁହେଁ, ଦେଶର ଅନେକ ବୁଦ୍ଧିଜୀବୀ, ନାଗରିକ ସଂଗଠନ ଓ ଶ୍ରମିକଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ମଧ୍ୟ ବିରୋଧ କରୁଛନ୍ତି । ନୂଆ ଆଇନରେ ଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଏଥିରେ କୌଣସି ସନ୍ଦେହ ରହିବ ନାହିଁ ଯେ ଏଭଳି ବ୍ୟାପକ ବିରୋଧର ଏକ ବଳିଷ୍ଠ ଆଧାର ଅଛି । ନୂଆ ଆଇନର ସବୁଠାରୁ ଆପତ୍ତିଜନକ ଦିଗଟି ହେଉଛି ଏହା ଗ୍ରାମାଂଚଳର ଗରିବ ଲୋକଙ୍କର ଆଇନପ୍ରଦତ୍ତ ଅଧିକାରକୁ ଛଡ଼ାଇ ନେଇ ସେମାନଙ୍କୁ ଅନ୍ୟ ଅନେକ ସରକାରୀ ଯୋଜନା ପରି ''ଲାଭାର୍ଥୀ''ରେ ପରିଣତ କରୁଛି । ଉଲ୍ଲେଖଯୋଗ୍ୟ ଯେ ସଂବିଧାନର ଡିରେକ୍ଟିଭ ପ୍ରିନ୍‌ସିପଲ୍‌ସ ଅଫ୍ ଷ୍ଟେଟ୍ ପଲିସି (ରାଷ୍ଟ୍ରୀୟ ନୀତି ପାଇଁ ନିର୍ଦ୍ଦେଶାବଳୀ)ରେ ସନ୍ନିବେଶିତ କେନ୍ଦ୍ର ସରକାରଙ୍କ ଦ୍ୱାରା କରଣୀୟ କାର୍ଯ୍ୟାବଳୀର ବିସ୍ତୃତ ସୂଚୀରେ ଅନ୍ୟତମ ହେଉଛି ଅନୁଚ୍ଛେଦ ୩୯(କ) ଓ ୪୧, ଯାହା ଦେଶର ପ୍ରତ୍ୟେକ ବ୍ୟକ୍ତିକୁ ଜୀବିକା ପାଇଁ ଆବଶ୍ୟକ ସାଧନ ଯୋଗାଇ ଦେବା ଓ ରୋଜଗାର ଅଧିକାର ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଏ । ସଂବିଧାନ ପ୍ରଣୀତ ହେବାର ଦୀର୍ଘ ୫୫ ବର୍ଷ ପରେ ସୀମିତ ଭାବରେ ହେଉ ପଛେ ''ନରେଗା'' ଆଇନ ଏହି ନିର୍ଦ୍ଦେଶ ପାଳନ କରିବାର ଚେଷ୍ଟା କରିଥିଲା । ନୂଆ ଆଇନଟି ସାଧାରଣ ନାଗରିକ ଠାରୁ ଏହି ବହୁମୂଲ୍ୟ ଅଧିକାର ଛଡ଼ାଇ ନେଇ ତାକୁ କେନ୍ଦ୍ର ସରକାରଙ୍କ ନିକଟରେ ଭିକ୍ଷାଥାଳ ଧରି ଠିଆ କରିଦେଇଛି । ''ନରେଗା''ରେ ଥିବା ବ୍ୟବସ୍ଥାରେ ଦେଶର ଯେ କୌଣସି ଅଂଚଳର ଜଣେ ନାଗରିକ ବର୍ଷର ଯେ କୌଣସି ସମୟରେ ସରକାରଙ୍କ ଠାରୁ କର୍ମନିଯୁକ୍ତି ଦାବି କରିପାରିବ ଓ ସରକାର ୧୫ ଦିନ ମଧ୍ୟରେ ସେହି ବ୍ୟକ୍ତିଙ୍କୁ ରୋଜଗାର ଯୋଗାଇ ଦେବାକୁ ବାଧ୍ୟ । ଏହି ଅବଧି ମଧ୍ୟରେ କର୍ମନିଯୁକ୍ତି ଯୋଗାଇ ଦେଇ ନ ପାରିଲେ ସରକାର ସେହି ବ୍ୟକ୍ତିଙ୍କୁ ''ନରେଗା''ରେ ନିର୍ଦ୍ଧାରିତ ମଜୁରି ଅନୁଯାୟୀ କ୍ଷତିପୂରଣ ଦେବାକୁ ବାଧ୍ୟ । ପୁରୁଣା ଆଇନରେ ନା ଥିଲା କୌଣସି ଯୋଗ୍ୟତାର ମାପକାଠି ନା କୌଣସି ଖର୍ଚ୍ଚ ସୀମା । ଜଣେ ବ୍ୟକ୍ତି ଯେତେବେଳେ ଓ ଯେତେଦିନ ପାଇଁ (ବର୍ଷକୁ ସର୍ବାଧିକ ୧୦୦ ଦିନ) ଚାହିଁବ, ସେତେବେଳେ ଓ ସେତିକି ଦିନ ପାଇଁ ରୋଜଗାର ଯୋଗାଇ ଦେବାକୁ ସରକାର ବାଧ୍ୟ । କିନ୍ତୁ ''ଜି ରାମ ଜି'' ଆଇନର ଧାରା ୫(୧) ଅନୁସାରେ ରାଜ୍ୟ ସରକାରମାନେ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପିତ ଗ୍ରାମୀଣ ଅଂଚଳରେ ହିଁ ଲୋକଙ୍କୁ ରୋଜଗାର ଯୋଗାଇ ଦେଇପାରିବେ । ଅର୍ଥାତ୍ କୌଣସି ଅଂଚଳ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପିତ ହୋଇ ନାହିଁ, ତେବେ ସେ ଅଂଚଳରେ ଲୋକଙ୍କୁ ରୋଜଗାର ଯୋଗାଇ ଦେବାକୁ ସରକାର ବାଧ୍ୟ ନୁହନ୍ତି । ''ନରେଗା''ର ଅସୀମିତ ବ୍ୟୟ ବ୍ୟବସ୍ଥାକୁ ଉଚ୍ଛେଦ କରି ନୂଆ ଆଇନର ଧାରା ୪(୫)ରେ ବ୍ୟବସ୍ଥା ରଖାଯାଇଛି ଯେ ପ୍ରତି ଆର୍ଥିକ ବର୍ଷରେ ରାଜ୍ୟମାନେ ଏହି ଯୋଜନାରେ ସର୍ବାଧିକ କେତେ ଅର୍ଥ ବ୍ୟୟ କରିପାରିବେ, କେନ୍ଦ୍ର ସରକାର ତା'ର ସୀମା ନିର୍ଦ୍ଧାରଣ କରିବେ । ନୂଆ ଆଇନର ଧାରା ୪(୬)ରେ ଆହୁରି ମଧ୍ୟ ବ୍ୟବସ୍ଥା ରଖାଯାଇଛି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ବାହାରେ କରାଯାଇଥିବା ଖର୍ଚ୍ଚ ରାଜ୍ୟ ସରକାରମାନେ ବହନ କରିବେ । କେବଳ ସେତିକି ନୁହେଁ, ରାଜ୍ୟ ସରକାରମାନଙ୍କ ଦ୍ୱାରା ପ୍ରଦତ୍ତ ଆଗତୁରା ରିପୋର୍ଟ ଆଧାରରେ ଚାଷବାସ ସମୟରେ ବର୍ଷକୁ ଦୁଇ ମାସ (୬୦ ଦିନ) ପାଇଁ ଏହି ଯୋଜନା ସ୍ଥଗିତ ରହିବ । ଅର୍ଥାତ୍ ଚାଷ ଋତୁରେ ଜଣଙ୍କର ଆବଶ୍ୟକତା ଥିଲେ ମଧ୍ୟ ସେ କର୍ମନିଯୁକ୍ତି ପାଇପାରିବ ନାହିଁ । ପୂର୍ବ ଆଇନରେ ବ୍ୟବସ୍ଥା ଥିଲା ଯେ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସମ୍ପୃକ୍ତ ଅଂଚଳରେ କି କାର୍ଯ୍ୟ ହେବ, ତାହା ଗ୍ରାମସଭା ନିର୍ଦ୍ଧାରଣ କରିବ । କିନ୍ତୁ ନୂଆ ଆଇନର ଅନୁଚ୍ଛେଦ ୧ର ଧାରା ୬(୪) ଗ୍ରାମସଭା ଠାରୁ ଏହି କ୍ଷମତା ଛଡ଼ାଇ ନେଇଛି । ଏବେ କେଉଁ କାର୍ଯ୍ୟ ହାତକୁ ନିଆଯାଇ ପାରିବ, ସେ ନେଇ ରାଜ୍ୟ ସରକାର, ଜିଲ୍ଲା ଓ ପଚାଂୟତିରାଜ ଅନୁଷ୍ଠାନମାନଙ୍କୁ କେନ୍ଦ୍ର ସରକାର ''ଦିଗ୍‌ଦର୍ଶନ'' ଦେବେ । ଏଥିରେ ସନ୍ଦେହ ନାହିଁ ଯେ ଏହି ବିଲ୍ ପଚାଂୟତିରାଜ ଅନୁଷ୍ଠାନମାନଙ୍କୁ ଯୋଜନା ପ୍ରଣୟନ ଓ ରୂପାୟନର ଅଧିକାର ପ୍ରଦାନ କରୁଥିବା ସଂବିଧାନର ୭୩ତମ ସଂଶୋଧନ ପଛରେ ଥିବା କ୍ଷମତାର ବିକେନ୍ଦ୍ରୀକରଣର ମୂଳ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ପଣ୍ଡ କରିଦେବ । ମୋଟାମୋଟି ଭାବେ ଦେଖିଲେ ନୂଆ ଆଇନଟି ଏକ ଅଧିକାରସର୍ବସ୍ୱ, ଚାହିଦାଭିତ୍ତିକ, ତୃଣମୂଳସ୍ତରୀୟ ଯୋଜନାକୁ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ମର୍ଜି ପାଖରେ ବନ୍ଧା ପକାଇ ଦେଇଛି । କେନ୍ଦ୍ର ସରକାରଙ୍କ ''ଦାଦାଗିରି'' କେବଳ ଏତିକିରେ ସୀମିତ ରହିନାହିଁ । ''ନରେଗା''ରେ ଥିବା ବ୍ୟବସ୍ଥାରେ ଏହି ଯୋଜନାରେ ମଜୁରି ବାବଦକୁ ହେଉଥିବା ସମୁଦାୟ ଖର୍ଚ୍ଚ ଓ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ବାବଦକୁ ହେଉଥିବା ଖର୍ଚ୍ଚର ୭୫% କେନ୍ଦ୍ର ସରକାର ବହନ କରୁଥିଲେ । ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ ''ନରେଗା''ରେ ହେଉଥିବା ସମୁଦାୟ ଖର୍ଚ୍ଚ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୯୦:୧୦ ଅନୁପାତରେ ବହନ କରୁଥିଲେ । ଏବେ କିନ୍ତୁ କେବଳ ଉତ୍ତର-ପୂର୍ବ ରାଜ୍ୟ, ହିମାଳୟ ପାଦଦେଶରେ ଥିବା ଉତରାଂଚଳ, ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀର ରାଜ୍ୟ ଏବଂ କେତୋଟି ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଂଚଳ ବ୍ୟତୀତ ଅନ୍ୟ ସବୁ ରାଜ୍ୟଙ୍କୁ ମୋଟ ଖର୍ଚ୍ଚର ୪୦% ବହନ କରିବାକୁ ପଡ଼ିବ । କହିବା ବାହୁଲ୍ୟ ଓଡ଼ିଶା, ଝାଡ଼ଖଣ୍ଡ ଓ ବିହାର ଭଳି ଗରିବ ଓ ଦାଦନପ୍ରବଣ ରାଜ୍ୟମାନଙ୍କ ଉପରେ ଏହା ଗୁରୁତର ଆର୍ଥିକ ବୋଝ ଲଦିଦେବ । ରାଜ୍ୟମାନେ ଏହି ବର୍ଦ୍ଧିତ ବୋଝ ସମ୍ଭାଳି ନ ପାରିଲେ ସେଠାକାର କର୍ମଜୀବୀ ଲୋକେ ସ୍ଥାନୀୟ ଅଂଚଳରେ ଆଉ କାମ ପାଇବେ ନାହିଁ ଏବଂ ଦାଦନ ସମସ୍ୟା ଆହୁରି ଗୁରୁତର ଆକାର ଧାରଣ କରିବ । ନୂଆ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ିବାକୁ ଯାଇ କେନ୍ଦ୍ର ସରକାର କହୁଛନ୍ତି ଯେ ''ନରେଗା''ରେ ବାର୍ଷିକ ମାତ୍ର ୧୦୦ ଦିନ ପାଇଁ କର୍ମନିଯୁକ୍ତି ଯୋଗାଇ ଦେବାର ବ୍ୟବସ୍ଥା ଥିଲାବେଳେ ନୂଆ ଆଇନରେ ଲୋକଙ୍କୁ ବାର୍ଷିକ ୧୨୫ ଦିନ ରୋଜଗାର ଯୋଗାଇ ଦିଆଯିବ । କିନ୍ତୁ ଗତ ୫ ବର୍ଷ ମଧ୍ୟରେ ''ନରେଗା''ରେ ଯୋଗାଇ ଦିଆଯାଇଥିବା ସମୁଦାୟ ରୋଜଗାର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ କେବଳ କୋଭିଡ୍ ବର୍ଷ (୨୦୨୦-୨୦୨୧ ଆର୍ଥିକ ବର୍ଷ)ରେ ମାତ୍ର ୯.୫% ପରିବାର (ପ୍ରାୟ ୭୨ ଲକ୍ଷ) ହିଁ ବର୍ଷକୁ ୧୦୦ ଦିନ କାମ ଲୋଡ଼ିଥିଲେ । ଗତ ଦୁଇ ବର୍ଷ ମଧ୍ୟରେ ମାତ୍ର ୭% ପରିବାର ଉପଲବ୍ଧ ସମୁଦାୟ ୧୦୦ ଦିନ କର୍ମନିଯୁକ୍ତିର ଉପଯୋଗ କରିଥିଲେ । ଏହି ପୃଷ୍ଠଭୂମିରେ ନୂଆ ଯୋଜନାରେ ବାର୍ଷିକ ୧୨୫ ଦିନ ରୋଜଗାର ଯୋଗାଇ ଦେବାର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ନିରର୍ଥକ । ସଂସଦରେ ବିଲ୍ ଉପରେ ଆଲୋଚନା ବେଳେ ବିରୋଧୀ ଦଳ ସଦସ୍ୟମାନେ ସବୁଠାରୁ ଅଧିକ ଓ ତୀବ୍ର ଆପତି ଉଠାଇଥିଲେ ନୂଆ ଯୋଜନାର ନାମକରଣକୁ ନେଇ । ସେମାନେ ଯୁକ୍ତି ବାଢ଼ିଥିଲେ ଯେ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦେବା କେବଳ ଜାତିର ଜନକଙ୍କ ପ୍ରତି ଘୋର ଅପମାନ ନୁହେଁ; କ୍ଷମତାର ବିକେନ୍ଦ୍ରୀକରଣ, ତୃଣମୂଳସ୍ତରୀୟ ଯୋଜନା ଓ ଗ୍ରାମ ସଶକ୍ତୀକରଣ ପାଇଁ ସେ ଦେଖିଥିବା ସ୍ୱପ୍ନ ଉପରେ ପ୍ରଚଣ୍ଡ କୁଠାରାଘାତ । ତା' ସହିତ ଏହି ନୂଆ ନାମକରଣ ବିଜେପିର ରାମସର୍ବସ୍ୱ ରାଜନୀତିର ଆଉ ଏକ ଉଦାହରଣ ବୋଲି ମଧ୍ୟ ଅଭିଯୋଗ ଉଠିଥିଲା । ଲୋକସଭାରେ ବିଲ୍ ଉପରେ ଆଲୋଚନା ବେଳେ ସମ୍ପ୍ରତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଜେପି ସରକାର ପ୍ରତି ବେଶ ଦରଦୀ ହୋଇ ପଡ଼ିଥିବା ତିରୁବନନ୍ତପୁରମର କଂଗ୍ରେସ ସାଂସଦ ଶଶୀ ଥରୁର ମଧ୍ୟ ୧୯୭୧ରେ ମୁକ୍ତିଲାଭ କରିଥିବା ଦେବାନନ୍ଦଙ୍କ ''ହରେ ରାମ, ହରେ କୃଷ୍ଣ'' ଚଳଚ୍ଚିତ୍ରର ଲୋକପ୍ରିୟ ଗୀତର ମୁଖଡ଼ା ଉଦ୍ଧାର କରି ସରକାରଙ୍କୁ କହିଥିଲେ; ''ରାମ କା ନାମ୍ ବଦନାମ ନା କରୋ ।'' କିନ୍ତୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାମାଜିକ କର୍ମକର୍ତ୍ତା ଯୋଗେନ୍ଦ୍ର ଯାଦବଙ୍କ ମତରେ ନୂଆ ଯୋଜନାରୁ ଗାନ୍ଧୀଜୀଙ୍କ ନାମ ହଟାଇ ଦେବା ଯଥାର୍ଥ, କାରଣ ଏଥିରେ ଜାତିର ପିତାଙ୍କ ଆତ୍ମାକୁ ଉଚ୍ଛେଦ କରିଦିଆ ଯାଇଛି ! ''ନରେଗା''ର କାର୍ଯ୍ୟକାରିତା ସମ୍ପର୍କରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏହି ସମୟ ମଧ୍ୟରେ ଦେଶରେ ୪,୫୮୫ କୋଟି ''ମ୍ୟାନ୍ ? ଡେ'' (ଦୈନିକ ରୋଜଗାର) ସୃଷ୍ଟି କରାଯାଇ ପାରିଛି । ଏହାଦ୍ୱାରା ଆହୁରି ମଧ୍ୟ ଗ୍ରାମାଂଚଳରେ ୯.୫ କୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ପାରିଛି । ଏହି ଆକଳନ ଅନୁଯାୟୀ ପ୍ରତି ବର୍ଷ ହାରାହାରି ୫ କୋଟିରୁ ଅଧିକ ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି । କୋଭିଡ୍ ସମୟରେ(୨୦୨୦-୨୧) ଏହି ଯୋଜନା କୋଟି କୋଟି ଲୋକଙ୍କୁ ଭୋକରେ ମୃତ୍ୟୁବରଣ କରିବାରୁ ରୋକିଥିଲା । ଏସବୁ ସତ୍ତ୍ୱେ ଏହି ଯୋଜନାକୁ ସମାଧି ଦେବା କେନ୍ଦ୍ର ସରକାରଙ୍କ ପାଇଁ କାହିଁକି ଏତେ ଜରୁରି ହୋଇ ପଡ଼ିଲା, ତାହାର ଉତର ସରକାର ଦେଉ ନାହାନ୍ତି । କେହି କହୁ ନାହିଁ ଯେ ''ନରେଗା''ରେ ସବୁକିଛି ଠିକ୍ ଚାଲିଥିଲା ବା ଏଥିରେ ଦୁର୍ନୀତି ହେଉ ନ ଥିଲା । କିନ୍ତୁ ଏଥିପାଇଁ ଏଭଳି ଏକ ପ୍ରଗତିଶୀଳ, ଲୋକହିତକର ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେବା ଅଗାଡ଼ି ବାଛିବାକୁ ଯାଇ ଧାନକୁ ବି ଫୋପାଡ଼ି ଦେବା ଭଳି କଥା ନୁହେଁ କି ? ଯୋଜନାରେ ଯଦି କିଛି ତ୍ରୁଟି ଥିଲା, ତେବେ ତାକୁ ନ ସୁଧାରି ସମୁଦାୟ ଯୋଜନାଟିକୁ ଅଳିଆଗଦାକୁ ଫୋପାଡ଼ି ଦେବା କେତେ ଦୂର ଯୁକ୍ତିଯୁକ୍ତ ? ''ଜି ରାମ ଜି'' ଯୋଜନାରେ କୌଣସି ତ୍ରୁଟି ହେବ ନାହିଁ କି ବାଟମାରଣା ହେବ ନାହିଁ ବୋଲି ସରକାର ଗ୍ୟାରେଣ୍ଟି ଦେବେ କି ?

ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୮ମ ବାର୍ଷିକ ଉତ୍ସବ

ଭଦ୍ରକ: ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ି ଧାମରେ ଅବସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଷ୍ଟମ ବାର୍ଷିକ ଉତ୍ସବ ଗତ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ସାମଲ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଶିକ୍ଷାବିତ୍ ବବ୍ରୁବାହାନ ଭୋଇଙ୍କୁ 'ମାଟିର ମହକ' ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ଅଧ୍ୟାପକ ନିକୁଞ୍ଜକିଶୋର ଜେନା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପାଢ଼ୀ ଙ୍କୁ 'ଗୁରୁ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଦର୍ଶ ପରୀକ୍ଷାରେ ତିନି ଜଣ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ତଥା ପ୍ରଥମ ରୁ ସପ୍ତମ ପର୍ଯ୍ୟନ୍ତ ପ୍ରତି ଶ୍ରେଣୀରେ ପ୍ରଥମ ସ୍ଥାନରେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ 'ବାବାଜି ଚରଣ ମହାଳିକ ଛାତ୍ରବୃତ୍ତି' ପ୍ରଦାନ କରାଯାଇଥିଲା । ଏଥିସହିତ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା । ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଉକ୍ତ ସଭାରେ ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶ୍ରୀକ୍ଷେତ୍ର ପୁରି ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ସମ୍ଭୁନାଥ ମହାଳିକ, ସମ୍ମାନୀୟ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା, ମୁଖ୍ୟବକ୍ତା ଅଧ୍ୟାପକ ନିକୁଞ୍ଜକିଶୋର ଜେନା, ସମ୍ବଲପୁର ଜିଲା ତଥା ରାଜ୍ୟ ଶିକ୍ଷକ ସଂଘର ପ୍ରାଦାଧିକାରୀ ବାହନ ଭୋଇ, ଅଧ୍ୟାପକ ବିଜୟ କୁମାର ଦାଶ, ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଚିତରଞ୍ଜନ ମହାନ୍ତି, ପ୍ରଧାନ ଆଚାର୍ଯ୍ୟା ରେଣୁବାଳା ସାମଲ ବରିଷ୍ଠ ସଭ୍ୟ ସଞ୍ଜୟ ଦାଶ, ସମ୍ପାଦକ ବାବାଜି ଶଙ୍କର ପାଢ଼ୀ, ତୃପ୍ତି ଆଶିଷ

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ପ୍ରଶାସନିକ ଓ ଶାସନ ସଂସ୍କାର ବୈଠକ ଅନୁଷ୍ଠିତ

ସମ୍ବଲପୁର,୭/୪(ନି/ପ୍ର): ସମ୍ବଲପୁରସ୍ଥିତ ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗଙ୍ଗାଧର ମେହେର ସମ୍ମିଳନୀ କକ୍ଷରେ ସଂଗ୍ରାମ କେଶରୀ ମହାପାତ୍ର(ଭା.ପ୍ର.ସେ) ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ ଅଧକ୍ଷତାରେ 'ପ୍ରଶାସନିକ ଓ ଶାସନ ସଂସ୍କାର' ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅନୁଗୁଳ, ଉପଜିଲ୍ଲାପାଳ ଦେବଗଡ, ଉତରାଂଚଳ ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ ୧୨ ଜିଲ୍ଲାର ତହସିଲଦାର ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ମୁଖ୍ୟତଃ ସାଧାରଣ ଜନତାଙ୍କୁ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ନୂତନ ସଂସ୍କାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜସ୍ୱ କର ଆଦାୟ, ଜମି ଅଧିଗ୍ରହଣ, ଥଇଥାନ, ଜଙ୍ଗଲ ଜମି ଅଧିକାର, ବସୁନ୍ଧରା ଯୋଜନା, ଅନଧିକାର ପ୍ରବେଶ ବା ଜବରଦଖଲ, କଲମ ୨, ଜମି ଜମା ସଂସ୍କାର: ଦାଖଲ ଖାରଜ, କିସମ ପରିବର୍ତନ, ଜମି ବିଭାଜନ ଏବଂ ଜମି ଚିହ୍ନଟ ପ୍ରକ୍ରିୟାକୁ କିଭଳି ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରାଯାଇପାରିବ ଓ ବୈଠକରେ ଓଡ଼ିଶା ଭୂ-ସଂସ୍କାର ଆଇନର କଡ଼ାକଡ଼ି ଅନୁପାଳନ ଏବଂ ଏଥିରେ ଥିବା ଜଟିଳତାକୁ ଦୂର କରିବା ପାଇଁ ପଦକ୍ଷେପ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉନରାଧିକାରୀ ପ୍ରମାଣପତ୍ର , ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର, ଇତ୍ୟାଦି ଅନ୍ୟାନ୍ୟ ପ୍ରମାଣପତ୍ର ହାସଲ କରିବାରେ ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ବାଧାବିଘ୍ନ ଏବଂ ତାହାର ନିରାକରଣ ଉପରେ ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର ଏବଂ ନୂଆପଡ଼ା ଜିଲ୍ଲାର ପ୍ରତିନିଧିମାନେ ନିଜ ନିଜ ଅଂଚଳର 'ବେଷ୍ଟ ପ୍ରାକ୍ଟିସେସ୍' ବା ସର୍ବୋନ୍ନମ ସଫଳତା, ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଉକ୍ତ ସମସ୍ୟା ର ସମାଧାନ ଉପରେ ଉପସ୍ଥାପନା ପ୍ରଦାନ କରିଥିଲେ।ରାଜସ୍ୱ ସେବା ବିତରଣକୁ ସୁଧାରିବା ପାଇଁ ପ୍ରତି ଜିଲ୍ଲାରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ସଂଗୃହିତ କରାଯାଇଛି। ସରକାରୀ ସ୍ତରରେ ଏହି ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ସରକାର ଙ୍କୁ ପ୍ରସ୍ତାବ ଦିଆଯିବା ପାଇଁ ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିଲେ।ଏହି ସଂସ୍କାର ମାଧ୍ୟମରେ ଆଗାମୀ ଦିନରେ ତହସିଲସ୍ତରୀୟ କାର୍ଯ୍ୟଗୁଡ଼ିକ ଅଧିକ ଶୃଙ୍ଖଳିତ ହେବ

କବରାପାଲି ରାମନବମୀ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୭/୪(ନି/ପ୍ର): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅଧିନସ୍ଥ କବରାପାଲିରେ ୭୮ ତମ ରାମନବମୀ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଚୈତ୍ରନବମୀ ଠାରୁ ଆରମ୍ଭ ହୋଇ ୧୧ ଦିନ ପର୍ଯ୍ୟନ୍ତ ଏହି ଆଧାତ୍ମିକ ମହୋତ୍ସବ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀରାମ , ଭ୍ରାତା ଲକ୍ଷ୍ମଣ ଏବଂ ଦେବୀ ସୀତା ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତ ମାନଙ୍କୁ ଦର୍ଶନ ଦେଇ ଆସୁଥିଲେ। ଏହି ୧୧ ଦିବସ ଯାକ ସ୍ଥାନୀୟ ମଣ୍ଡପରେ ଦିବସ ଯାକ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ପରିବେଷଣ କରାଯାଇ ଆସୁଥିଲା। ଉଦଯାପନୀ ସମାରୋହରେ ବୈରାଗୀ ପାଲିର ଅନାମିକା ଭୋଇ ଏବଂ ଘେନୁପାଲିର ସୋନାଲିକା ମହାକୁଡ଼ଙ୍କ ମହିଳା କିର୍ତନ ବୈଠକୀ ଶ୍ରଦ୍ଧାଳୁଙ୍କୁ ବେଶ୍ ମନ୍ତ୍ରବିମୁଗ୍ଧ କରାଇଥିଲା। ଏହି ଅବସରରେ ଆୟୋଜିତ ହୋମଯଜ୍ଞରେ କର୍ତା

ଭାବେ ରବୀନ୍ଦ୍ର ବଡ଼ାଇ ଏବଂ କର୍ତି ଭାବେ ତାଙ୍କ ଧର୍ମପତ୍ନୀ ସୁବାସିନୀ ବଡ଼ାଇ ତୁଲାଇଥିଲେ। ହୋମ କାର୍ଯ୍ୟରେ କେଶବ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ସେହିପରି ପଣ୍ଡିତ ଅଶ୍ୱିନୀ ବିଶ୍ୱାଳ ଦିନବେଳା ପୁରାଣ ପାଠର ନେତୃତ୍ୱ ନେଉଥିବା ବେଳେ ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ଏହି ୧୧ ଦିନିଆ ଆଧାତ୍ମିକ କାର୍ଯ୍ୟକ୍ରମକୁ ସଫଳ କରାଇବା ଦିଗରେ ସୁନିଲ ଶୁକ୍ଳା ଏବଂ ସୁନିଲ ବିଶ୍ୱାଳ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ୧୯୪୮ ମସିହାରୁ କବରାପାଲି ଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ପ୍ରତିବର୍ଷ ରାମଲୀଳା ନାଟକ ଆୟୋଜନ ହୋଇ ଆସୁଛି। ମଧ ରାତ୍ରରେ ଆୟୋଜିତ ହେଉଥିବା ରାମଲୀଳା ନାଟକର ପ୍ରଥମ ଦିନରେ ଶ୍ରୀରାମ ଜନ୍ମ ପ୍ରସଙ୍ଗ ମଂଚସ୍ଥ ହୋଇଥିଲା। ଲୀଳା ନାଟକର ପରମ୍ପରାକୁ ଆଜି ପର୍ଯ୍ୟନ୍ତ ପରମ୍ପରା ଅନୁସାରେ ଆୟୋଜନ କରାଯାଉଥିବା ବେଳେ ଏବେବି ଏହାର ଆକର୍ଷଣ ପୂର୍ବାବତ୍ ରହିଆସିଛି। ଗାଁ'ର ଯୁବକ ମାନେ ରାମଲୀଳା ନାଟକରେ ଅଭିନୟ ସହ ଆୟୋଜନ ଦାୟିତ୍ୱ ତୁଲାଇଥିଲେ। ସେହିପରି ନାଟକରେ ଲୀଳା ଗୀତ ଗାୟନରେ ମନୋଜ ପଧାନ, ଦିଲିପ ବଡାଇ, ଜଗନ୍ନାଥ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସାଜ ସଜାରେ କାହ୍ନୁଚରଣ ଜେନା, ଲବ ପ୍ରଧାନ ଏବଂ ପ୍ରସନ୍ନ ସାହୁ ସହଯୋଗ କରିଥିଲେ। ରାମନବମୀ କମିଟିର ସଭାପତି ମହିମା ପ୍ରସାଦ ବଡାଇ, ଅଶ୍ୱିନୀ ବଡାଇ, ସଂଜୟ ପଧାନ, ମନୋଜ ବଡାଇ, ସୁଦିପ୍ତ ସାହୁ, ଶରତ ସାହୁ, ଅମରେଶ ସାହୁ, ଗୋବିନ୍ଦ ସାହୁ, ବିପିନ ବଡାଇ, ସନ୍ଦିପ ସାହୁ, ମହେନ୍ଦ୍ର ବାଗ, ଖୀରୋଦ ସାହୁ ପ୍ରମୁଖଙ୍କ ସହ ବହୁ କର୍ମକର୍ତା ରାମନବମୀ ଆୟୋଜନରେ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ।

ଡାକ୍ତରୀ, ବୈଷୟିକ, କୃଷି ଓ ଆନୁସଙ୍ଗିକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧିକୁ ଓଡ଼ିଶା କ୍ୟାବିନେଟର ମଞ୍ଜୁରୀ

ସମ୍ବଲପୁର,୭/୪(ନି/ପ୍ର): ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଓଡ଼ିଶା କ୍ୟାବିନେଟ ଏକ ଐତିହାସିକ ପଦକ୍ଷେପ ନେଇଛି ବୋଲି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କାରଣ ପ୍ରଥମ ଥର ପାଇଁ ଡାକ୍ତରୀ, ବୈଷୟିକ, କୃଷି ଓ ଆନୁସଙ୍ଗିକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏସଇବିସି ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥାକୁ କ୍ୟାବିନେଟ୍ ମଞ୍ଜୁରୀ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨% ରୁ ୨୨.୫୦% ଏବଂ ଏସସି ପାଇଁ ୮% ରୁ ୧୬.୨୫% କୁ ବୃଦ୍ଧି ନିଷ୍ପତି ମଧ ଅତ୍ୟନ୍ତ ପ୍ରଶଂସନୀୟ। ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ କ୍ୟାବିନେଟ୍ର ଐତିହାସିକ ନିଷ୍ପତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି।ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିୟରି, କୃଷି ତଥା ଆନୁସଙ୍ଗିକ ପ୍ରଯୁକ୍ତି ବିଦ୍ୟାଭିତିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨% ରୁ ୨୨.୫୦% ଏବଂ ଅନୁସୂଚିତ ଜାତି (ଏସି) ପାଇଁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ' ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତି ଡବଲ ଇଞ୍ଜିନ ସରକାରଙ୍କ 'ଅନ୍ତ୍ୟୋଦୟ ସଂକଳ୍ପ' ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଐତିହାସିକ ନିଷ୍ପତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ମେଧାବୀ ପ୍ରତିଭାମାନଙ୍କୁ ସଶକ୍ତ କରିବା ସହ ରାଜ୍ୟର ସାଧାରଣ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରମୁଖ ମାଧ୍ୟମ ହେବ। ସେହିପରି ଏହି ନିଷ୍ପତି ପାଇଁ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର ?ୟବଂଶୀ ସୂରଜ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ବିଭାଗ ସହ ଜଡ଼ିତ ସମସ୍ତଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୬, ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସଇବିସି/ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ମେଡିକାଲ ଶିକ୍ଷାରେ ଏସସିମାନଙ୍କ ପାଇଁ ୧୬.୨୫% ଏବଂ ଏସଟିମାନଙ୍କ ପାଇଁ ୨୨.୫୦% କୁ ସଂରକ୍ଷଣ ବୃଦ୍ଧି କରିବାକୁ ସେ ପ୍ରସ୍ତାବ ଦେଇଥିଲେ।ଏପ୍ରିଲ ୧୭, ୨୦୨୫ ତାରିଖରେ ମଧ ଶ୍ରୀ ପ୍ରଧାନ ଅନୁରୂପ ଭାବେ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଶ୍ରୀ ମାଝୀଙ୍କୁ ଚିଠି ଲେଖିଥିଲେ। ଏହାବ୍ୟତୀତ ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ମଧ ଡିସେମ୍ବର ୩୧, ୨୦୨୦, ଜାନୁଆରୀ ୧୫, ୨୦୨୦ ଏବଂ ଜୁଲାଇ ୨୫, ୨୦୧୯ରେ ଚିଠି ଲେଖି ଓବିସି ଓ ଏସଇବିସି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ସଂରକ୍ଷଣ ବୃଦ୍ଧି କରିବା ପାଇଁ ମଧ ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ମେ ୧୪, ୨୦୨୫ରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ଥର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ(ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧମିକ ଶିକ୍ଷା) ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିଲା।

ଜନଗଣନା ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର,୭/୪(ନି/ପ୍ର):ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଆଗାମୀ ଡିଜିଟାଲ୍ ଜନଗଣନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ସୋମବାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ(ଓ.ପ୍ର.ସେ) ଙ୍କ କରକମଳରେ ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି।ଜନସାଧାରଣ ନିଜେ ନିଜର ତଥ୍ୟ 'ସ୍ୱ-ଗଣନା' ପୋର୍ଟାଲ ମାଧ୍ୟମରେ ଦାଖଲ କରିପାରିବେ। ୱେବସାଇଟ୍: ନାଗରିକମାନେ https://se.census.gov.in ପୋର୍ଟାଲ୍ ବ୍ୟବହାର କରି ନିଜର ବିବରଣୀ ଦେଇପାରିବେ ଓ ଏହି ସ୍ୱ-ଗଣନା ପ୍ରକ୍ରିୟା ଆସନ୍ତା ୦୧-୦୪-୨୦୨୬ ରୁ ୧୫-୦୪-୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ। 'ଜନଗଣନାରୁ ଜନକଲ୍ୟାଣ' - ସଠିକ୍ ଜନଗଣନା ଦ୍ୱାରା ହିଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରିବ। ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପୌରାଂଚଳ ଏବଂ ଗ୍ରାମାଂଚଳ ପରିକ୍ରମା କରି ଡିଜିଟାଲ୍ ଜନଗଣନାର ସୁଫଳ ଓ ପ୍ରକ୍ରିୟା ବିଷୟରେ ଲୋକଙ୍କୁ ସଚେତନ କରାଇବ। ଲୋକମାନେ କୌଣସି ପ୍ରକାର ଭୟ ବା ଦ୍ୱନ୍ଦ୍ୱରେ ନ ରହି ନିଜର ସଠିକ୍ ତଥ୍ୟ ପ୍ରଦାନ କରି ଦେଶର ବିକାଶରେ ସହଯୋଗ କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଜନଗଣନା ବିଭାଗର ଅଧିକାରୀ, ସମେତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରଘୁନାଥ କଂନଭେନଶନ ଠାରେ ଏକ ସ୍ୱାସ୍ଥ୍ୟ ଶିବିର

ଭଦ୍ରକ,୭/୪: ଭଦ୍ରକ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ପୋଲିସ ପରିବାର ବର୍ଗ ଓ ବରିଷ୍ଠ ନାଗରିକ ପାଇଁ ସ୍ଥାନୀୟ ନୂତନ ବସ ଷ୍ଟାଣ୍ଡ ନିକଟରେ ଥିବା ରଘୁନାଥ କଂନଭେନଶନ ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଭୁବନେଶ୍ୱର ଏମ୍ସ ର ବଛା ବଛା ବିଭିନ୍ନ ବିଭାଗର ଡାକ୍ତର ମାନେ ଆସିଥିଲେ। ତେବେ ପୋଲିସ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଶିବିର କୁ ଏମ୍ସ ବରିଷ୍ଠ ପ୍ରଫେସର କର୍କଟ ବିଶେଷଜ୍ଞ ଡା. ସରୋଜ କୁମାର ଦାସ ମୁଜମଦାର ଓ ଭଦ୍ରକ ଏସପି ମନୋଜ କୁମାର ରାଉତ ଫିତା କାଟି ଉଦ୍ଘାଟନ କରିଥିଲେ।

ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ସମ୍ବଲପୁର,୭/୪(ନି/ପ୍ର): ଇନ୍ଦିରା ଗାନ୍ଧୀ ଜନ ଜାତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନିର୍ବାହୀ କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀଙ୍କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଅବସ୍ଥାପିତ କରାଯାଇଛି। ଏ ସମ୍ପର୍କରେ ଲୋକ ଭବନରୁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ଶ୍ରୀପୁରା ଗ୍ରାମର ମୂଳ ନିବାସୀ ଡ. ତ୍ରିପାଠୀଙ୍କ ପ୍ରାଚୀନ ଇତିହାସ, ପ୍ରତ୍ନତାତ୍ତ୍ୱିକ ଗବେଷଣା ଏବଂ ପ୍ରଶାସନ କ୍ଷେତ୍ରରେ ପ୍ରାୟ ୩୦ ବର୍ଷର ଅଭିଜ୍ଞତା ରହିଛି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୯୮୪ରେ ଇତିହାସ ବିଭାଗ ସମ୍ମାନରେ ଟପ୍ପର ହୋଇଥିଲେ। ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକ, ଏମ୍‌ଫିଲ ଓ ପିଏଚ୍‌ଡି (୧୯୯୪) ଡିଗ୍ରୀ ହାସଲ କରିଥିଲେ। ଏହାପରେ କେ ଏସ୍ ଆଇ ନୂଆଦିଲ୍ଲୀରୁ ପ୍ରତ୍ନତାତ୍ତ୍ୱିକ ଗବେଷଣା କରିଥିଲେ। ସେ ଇତିହାସ, ସଂସ୍କୃତି ଓ ବିଶେଷ କରି ଉତର-ପୂର୍ବ ଭାରତ ସମ୍ପର୍କରେ ୧୩ରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକାରେ ତାଙ୍କର ୬୫ଟି ନିବନ୍ଧ ପ୍ରକାଶପାଇଛି। ସଂସ୍କୃତି ମନ୍ତ୍ରଣାଳୟ, ଭାରତୀୟ ଇତିହାସ ଗବେଷଣା ପରିଷଦ ଓ ୟୁଜିସିର ସେ ୫ଟି ପ୍ରକଳ୍ପରେ ଗବେଷଣା କରିଥିଲେ। ରାଜୀବ ଗାନ୍ଧି ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଇଟାନଗର ମୁଖ୍ୟ, ଇନ୍ଦିରା ଗାନ୍ଧି ଜନ ଜାତୀୟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ମଧ ଏକାଡେମିକର ନିର୍ଦ୍ଦେଶକ ଓ ବୋର୍ଡ ଅଫ୍ ସର୍ଭିଜ୍ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ନିର୍ବାହ କରିଛନ୍ତି ଓ ପ୍ରଫେସର ତ୍ରିପାଠୀ ୧୧ଟି ପିଏଚଡି ଗବେଷଣାକୁ ଗାଇଡ୍ କରିଛନ୍ତି। ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ପ୍ରବନ୍ଧନ କ୍ଷେତ୍ର ରେ ସେ ଜଣେ ସାଧନ ଗବେଷକ ଭାବେ ପରିଚିତ। ସେ ୨୪ଟି ଜାତୀୟ ଓ ୯ଟି ଆନ୍ତର୍ଜାତୀୟ ସମ୍ମିଳନୀରେ ନିବନ୍ଧ ଉପସ୍ଥାପନ କରି ପ୍ରଶଂସିତ ହୋଇଛନ୍ତି।

ଭାରତମାଳା ରାସ୍ତାରେ ମର୍ମାନ୍ତିକ ସଡ଼କ ଦୁର୍ଘଟଣା : ୨ କାର ମୁହାଁମୁହିଁ ଧକ୍କା, ୩ ମୃତ, ୫ ରୁ ଅଧିକ ଆହତ

ଉମରକୋଟ,୭/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ନିକଟବର୍ତୀ ବଡ଼କୁମାରୀ ଗ୍ରାମ ନିକଟରେ ନିର୍ମାଣଧୀନ ଉମରକୋଟ–ରାୟପୁର–ବିଶାଖାପାଟଣା ଭାରତମାଳା ରାସ୍ତାରେ ଆଜି ଏକ ମର୍ମାନ୍ତିକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି କାର ମୁହାଁମୁହିଁ ଧକ୍କା ଲାଗିବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଝରିଗାଁ ଥାନା ଅନ୍ତର୍ଗତ ଚିତାବେଡ଼ା ଗ୍ରାମରେ ଏକ ବ୍ରତ ଅବସରରେ ଭୋଜନ ସମାରୋହରେ ଯୋଗଦେଇ ପରେ ଏକ ପରିବାରର ସଦସ୍ୟମାନେ କାରରେ କୋରାପୁଟରୁ ସୁନାବେଡ଼ାକୁ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଗୋଟିଏ କାର, ଯାହା କଳାହାଣ୍ଡି ମଟେରରୁ ରାଇଘର ହଳଦୀ ଗ୍ରାମକୁ ବାହାଘରରେ ଯୋଗଦେବା ପାଇଁ ଯାଉଥିଲା, ସହିତ ମୁହାଁମୁହିଁ ଧକ୍କା ଲାଗିଥିଲା। ଦୁର୍ଘଟଣାରେ ସୁନାବେଡ଼ାକୁ ଯାଉଥିବା କାରରେ ଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୋରାପୁଟ ଜିଲ୍ଲା ସୁନାବେଡ଼ା ଅଂଚଳର ଅରୁଣ କୁମାର ପଣ୍ଡା (୬୫), ଆଶୁତୋଷ ରଥ (୧୦) ଓ ସୁବ୍ରତ ସତପଥୀ (୩୫)। ଅନ୍ୟ ଆହତମାନଙ୍କୁ ତତ୍କ୍ଷଣାତ୍ ଉମରକୋଟ ଓ ନିକଟସ୍ଥ ଚିକିତ୍ସାଳୟକୁ ପଠାଯାଇଛି। ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ନିର୍ମାଣଧୀନ ରାସ୍ତାରେ ସଠିକ୍ ସଙ୍କେତ ଓ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏପରି ଦୁର୍ଘଟଣା ସମ୍ଭବ ହୋଇଥାଏ। ଏହାକୁ ନେଇ ପ୍ରଶାସନ ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରଦୁଷଣ ବୃଦ୍ଧି ଆରୋପରେ ଶ୍ୟାମ୍ ମେଟାଲିକ୍ସ ସିଲ୍

ସମ୍ବଲପୁର,୭/୪(ନି/ପ୍ର): ଶିଳ୍ପ ସମୃଦ୍ଧ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଅଂଚଳରେ ଥିବା_ମୁଖ 'ଶ୍ୟାମ୍ ମେଟାଲିକ୍ସ' କାରଖାନା ଉପରେ ଏକ ଶକ୍ତ ପ୍ରଶାସନିକ ଚଡ଼କ ପଡ଼ିଛି । ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ 'ଶ୍ୟାମ୍ ମେଟାଲିକ୍ସ' କାରଖାନା ଫାଟକକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । ଦୀର୍ଘ ଦିନ ଧରି ଏହି କାରଖାନା ବିରୋଧରେ ପରିବେଶ ପ୍ରଦୂଷଣ କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ମାତ୍ର କାରଖାନା କର୍ତୃପକ୍ଷ ବିଜ୍ଞାନ ଓ ମୋଟା ଅଙ୍କର ହାତଗୁଞ୍ଜା ଦେଇ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଆସୁଥିଲା । ଏପରିକି ପ୍ରଶାସନିକ ତଦନ୍ତକୁ ବାଟବଣା କରିଆସୁଥିବା ଶ୍ୟାମ୍ ମେଟାଲିକ୍ସ ବିରୋଧରେ ଏବେ କେନ୍ଦ୍ର ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ଛାଟ ପଡ଼ିଛି । ରାଜ୍ୟ ପ୍ରଦୂଷଣ ବୋର୍ଡ ନେତୃତ୍ୱରେ ଆଜି ସମ୍ବଲପୁର ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ କାରଖାନାକୁ ସିଲ୍ କରାଯାଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୁର୍ବରୁ କାର୍ଯ୍ୟରତ ଶ୍ରମିକଙ୍କ ପକ୍ଷରୁ କାଳେ କୌଣସି ବଡ଼ ଧରଣର ଗଣ୍ଡଗୋଳ ବା ପ୍ରତିବନ୍ଧକ ସୃଷ୍ଟି ହେବ ସେଥିପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ ପୂର୍ବକ ସଶସ୍ତ୍ର ପୋଲିସ ମୁତୟନ କରାଯାଇଥିବା ମଧ ଜଣାଯାଇଛି ।

ଧାମରାରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୭/୪(ନି/ପ୍ର): ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ଧାମରାରେ ପାଳିତ ହୋଇଯାଇଛି। ଧାମରାଇ ମଣ୍ଡଳ ସଭାପତି ତ୍ରିଦିବେଶ ପ୍ରଧାନ ବିଜେପି ପତାକା ଉତୋଳନ କରିବା ସହ ନିଜ ଭାଷଣରେ ବିଜେପି ସମାଜର ଦଳିତ ନିଷ୍ପେଷିତ ଜନତାଙ୍କ ପାଇଁ କାର୍ଯ୍ୟ କରୁଥିବା ବେଳେ ସମସ୍ତ କାର୍ଯ୍ୟକର୍ତା ସେବା ସମର୍ପଣ ଏବଂ ସୁଶାସନ ପ୍ରତି ଆଗ୍ରହ ମନୋଭାବ ଦେଖାଉଛନ୍ତି। କର୍ମକର୍ତା ମାନେ ସାଧାରଣ ଜନତାଙ୍କୁ ବିଜେପିର ବିଚାରଧାରା ଏବଂ କାର୍ଯ୍ୟ ସହ ଯୋଡିବାରେ ସଫଳ ହେବା ସହ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଙ୍କ ସବକା ସାଥ, ସବକା ବିକାଶ ,ସବକା ବିଶ୍ୱାସ ମନ୍ତ୍ରକୁ ସାକାର କରିଛନ୍ତି। ଦେଶର ସୁଶାସନ ଏବଂ ସ୍ୱଚ୍ଛତା ପ୍ରତିଷ୍ଠା କରି ବିଜେପି ଗଣତନ୍ତ୍ରମୂଳକୁ ମଜବୁତ କରି ଚାଲିଛି ବୋଲି ନିଜର ମତବ୍ୟକ୍ତ କରିଥିଲେ। ଏଥସିହ ଆଜିର ଏହି ପ୍ରତିଷ୍ଠା ଦିବସରେ ଧାମରା ପଂଚାୟତର ଅଭିମନ୍ୟୁ ରାଉତ ଏବଂ ନିତ୍ୟାନନ୍ଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜି ହୋଇଥିବା ଏହି ପ୍ରତିଷ୍ଠା ଦିବସରେ ଅନ୍ୟ ମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାୟକ,ପାପା ଜେନା, ସୁବାଶ ଦାସ, ଜ୍ୟୋତିରଞ୍ଜନ ଲେଙ୍କା, ବସନ୍ତ ଖିଲାର, ରାଜକୁମାର କାଣ୍ଡାର, ଦେବଦତ ବିଶ୍ୱାଳ, ସୁନାକର ଜେନା, ରତିକାନ୍ତ ଜେନା ଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଏସିଆ ବୁକ୍ ଅଫ୍ ରେକର୍ଡସ୍ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନିତ

ପରୀକ୍ଷା ଶେଷ ହେବାର ଦୁଇ ଦିନ ମଧ୍ୟରେ ୨୦୨୫-୨୬ର ପରୀକ୍ଷା ଫଳ ପ୍ରକାଶନ

ରାଉରକେଲା,୭/୪(ନି/ପ୍ର): ଦକ୍ଷତା ଓ ବୈଷୟିକ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତାର ଏକ ଉଲ୍ଲେଖନୀୟ ନିଦର୍ଶନ ସ୍ୱରୂପ ଓଡିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ସଫଳତାର ସହ ୨୦୨୫-୨୬ ଅଡ୍ (ଡୟୟ) ସେମିଷ୍ଟାର୍ ପରୀକ୍ଷା ଫେଜ୍-୨ର ଫଳାଫଳ ଅନ୍ତିମ ପରୀକ୍ଷା ଶେଷ ହେବାର ମାତ୍ର ୨ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ମୂଲ୍ୟାଙ୍କନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଏକ ନୂତନ ପଦ୍ଧତି ଆପଣାଇଥିଲା। ଫଳରେ ଶେଷ ପରୀକ୍ଷା ଶେଷ ହେବାର ସାତ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବା ସମ୍ଭବପର ହୋଇପାରିଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କ୍ରମାଗତ ତଦାରଖ ଫଳରେ ଏବେ ଶେଷ ପରୀକ୍ଷା ସରିବାର ମାତ୍ର ଦୁଇ ଦିନ ମଧ୍ୟରେ ଫଳାଫଳ ପ୍ରକାଶନ ସମ୍ଭବପର ହୋଇପାରିଛି। ସେମିଷ୍ଟାର ପରୀକ୍ଷା ୨୦୨୬ ଜାନୁଆରୀ ୧୨ ତାରିଖରେ ଆରମ୍ଭ ହୋଇ ୨୦୨୬ ଫେବୃଆରୀ ୩ ତାରିଖ ଦିନ ୧ଟାରେ ଶେଷ ହୋଇଥିଲା। ଏଥିରେ ବି.ଟେକ୍, ବି.ଆର୍କ, ବି.ଏସସି, ବି.ଫାର୍ମ, ବିବିଏ, ବିସିଏ, ଆଇଏମବିଏ, ଏମ୍ ଆର୍କ, ଏମ୍ ଫାର୍ମ, ଏମ୍.ଏ.ସି.ଆଇ, ଏମ୍ ଟେକ୍, ଏମବିଏ, ଏମସିଏ ଏବଂ ପିଏଚଡି କୋର୍ସ ଭଳି ସ୍ନାତକ ଓ ସ୍ନାତକୋତର ବିଭାଗର ବିଭିନ୍ନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଏହି ପରୀକ୍ଷାରେ ସର୍ବମୋଟ ୬୭ ହଜାର ୯୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୨୦୨୬ ଜାନୁଆରୀ ୧୨ ତାରିଖରେ ପ୍ରଥମ ପରୀକ୍ଷା ଅନୁଷ୍ଠିତ ହେବା ପରେ ପରେ, ଉତ୍ତର ଖାତାଗୁଡିକୁ ସୁରକ୍ଷିତ ଭାବେ ଜାନୁଆରୀ ୧୩ ତାରିଖରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଡିଜିଟାଲ୍ ଅନଲାଇନ୍ ମୂଲ୍ୟାୟନ ପାଇଁ ପ୍ରତ୍ୟେକ ଉତ୍ତରଖାତାକୁ କୋର୍ଡି ଓ ସ୍କାନିଂ କରାଯାଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା। ପ୍ରତ୍ୟେକ ଦିନ ପରୀକ୍ଷା ଶେଷ ହେବା ପରେ, ଏହି ପ୍ରକ୍ରିୟାକୁ ନିୟମିତ ଭାବେ ଅନୁସରଣ କରାଯାଇଥିଲା। ଏହି ଅବଧି ମଧ୍ୟରେ ସର୍ବମୋଟ୍ ୩ ଲକ୍ଷ ୫୧ ହଜାର ୨୬୪ଟି ଉତ୍ତର ଖାତାର ଡିଜିଟାଲ୍ ମୂଲ୍ୟୟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ୧ ହଜାର ୪୫୭ ଜଣ ପଞ୍ଜିକୃତ ଅଧ୍ୟାପକଙ୍କ ଦ୍ୱାରା ୫୮ଟି ନିର୍ଦ୍ଧାରିତ ନୋଡାଲ୍ ସେଣ୍ଟରରେ ଏହି ମୂଲ୍ୟାୟନ କାର୍ଯ୍ୟ କରାଯାଇଥିଲା। ମୂଲ୍ୟାୟନର ଗୁଣବତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତ୍ୟେକ ଆଧ୍ୟାପକଙ୍କୁ ଦିନକୁ ସର୍ବାଧିକ ୪୦ଟି ଉତ୍ତରଖାତା ଦେଖିବାକୁ ଅନୁମତି ଦିଆଯାଇଥିଲା ଓ ମୂଲ୍ୟାୟନ କାର୍ଯ୍ୟ ପ୍ରତିଦିନ ସକାଳ ୭ଟା ରାତି ୯ଟା ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ପରିଚାଳିତ ହେଉଥିଲା। ବିଶ୍ୱବିଦ୍ୟାଳୟର ପ୍ରଥମ ବିଧିର ଅନୁପାଳନ କ୍ରମେ, ୨୦୨୬ ଫେବୃଆରୀ ୫ ତାରିଖ ରାତି ୮ଟାରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଆପକ୍ଷତାରେ ପରିଚାଳନା ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଡିନ୍ ଏବଂ ମନୋନୀତ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳକୁ ଟିକିନିଖି ସମୀକ୍ଷା କରିବା ସହ ଏହାକୁ ଅନୁମୋଦନ କରିଥିଲେ। ଆନୁଷ୍ଠାନିକ ଅନୁମୋଦନ ପରେ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀରଙ୍କ ସମେତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, କୁଳସଚିବ ଶ୍ରୀମତୀ ନିଶି ପୁନମ ମିଞ୍ଜ ଏବଂ ଅନ୍ୟାନ୍ୟ ପ୍ରଫେସରଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୬ ଫେବୃଆରୀ ୫ ତାରିଖ ରାତି ୯ଟା ସମୟରେ ଅଡ୍(ଡୟୟ) ସେମିଷ୍ଟାର ପରୀକ୍ଷା ୨୦୨୫-୨୬ ଫେଜ୍-୨ ପରୀକ୍ଷାର ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ଠିକ୍ ସମୟରେ ପରୀକ୍ଷା ଫଳ ପ୍ରକାଶନ, ସ୍ୱଚ୍ଛତା ଏବଂ ଶୈକ୍ଷିକ ଦାୟିତ୍ୱବୋଧ ସହିତ ଜ୍ଞାନ କୌଶଳର ସମନ୍ୱୟ ପ୍ରତି ବିପିୟୁଟି (ଇଟଟଞ୍ଜ)ର ଉତ୍ସର୍ଗୀକୃତ ମନୋଭାବକୁ ପ୍ରତିଫଳିତ କରୁଛି, ଯାହାକି ଉଚ୍ଚଶିକ୍ଷା ପ୍ରଶାସନ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ବିଶ୍ୱବିଦ୍ୟାଳୟର ଏହି ସଫଳତାକୁ 'ଏସିଆ ବୁକ୍ ଅଫ୍ ରେକର୍ଡସ୍' ଏବଂ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନିତ କରାଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଡିଟୋରିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଭିନନ୍ଦନ ଜ୍ଞାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନୀୟ ଅତିଥି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର, ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ଡିଆଇସି ଅତନୁ ଭୌମିକ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, କୁଳସଚିବ ଶ୍ରୀମତୀ ନିଶି ପୁନମ ମିଞ୍ଜଙ୍କ ସମେତ ଅନ୍ୟାନ୍ୟ ବିଭାଗର ପ୍ରଫେସର ପ୍ରମୁଖଙ୍କ ଉପସ୍ଥିତିରେ ଏସିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପରୀକ୍ଷା ଶେଷ ହେବାର ୨ ଦିନ ମଧ୍ୟରେ କଲମ ଓ କାଗଜରେ ସବୁଠାରୁ ଗତିଶୀଳ ପରୀକ୍ଷାର ପରୀକ୍ଷା ଫଳ ପ୍ରକାଶନ ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ସମେତ ବିପିୟୁଟିର କୁଳସଚିବ ଶ୍ରୀମତୀ ନିଶି ପୁନମ ମିଞ୍ଜ ଏବଂ ଅନ୍ୟାନ୍ୟ ବିଭାଗର ପ୍ରଫେସରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରନ୍ଧନଗ୍ୟାସର କଳାବଜାରୀ :

୧୬୧ଟି ଗ୍ୟାସ ସିଲିଣ୍ଡର ଜବତ କଲା ରାଉରକେଲା ଯୋଗାଣ ବିଭାଗ

ରାଉରକେଲା ୭/୪(ନି/ପ୍ର): ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ଏବଂ ପରବର୍ତ୍ତୀ ସମୟରେ ଏହା ସମଗ୍ର ମଧ୍ୟପ୍ରାଚ୍ୟକୁ ବ୍ୟାପିବା ଫଳରେ ଷ୍ଟ୍ରେଟ୍ଅପ ଫରମୁସ୍ ଇରାନର ନିୟନ୍ତ୍ରଣରେ ଥିବାରୁ ଏଲପିଜି ଗ୍ୟାସ୍ ସଙ୍କଟ ଓ ତୈଳ ସଙ୍କଟ ଦେଖାଦେଇଛି। କିନ୍ତୁ ଇରାନ୍ ଭାରତର ତୈଳବାହୀ ଜାହାଜ ଏବଂ ଏଲପିଜି ଗ୍ୟାସ ବୋଝେଇ ଜାହାଜକୁ ଛାଡି ଦେଉଥିବା ବେଳେ, ଭାରତ ସରକାର ସମସ୍ତ ଭାରତୀୟଙ୍କୁ ଏଲପିଜି ସଙ୍କଟ ନହେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ କେତେକ ଡିଷ୍ଟ୍ରିବ୍ୟୁଟର ଏବଂ ଡିଲର, ଲାଭଖୋର ମନୋବୃତି ରଖି ଏଲପିଜି ଗ୍ୟାସ ମହଜୁଦ ରଖୁଛନ୍ତି। ଆଜି ରାଉରକେଲା ସବ୍ଷ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୯ ଅଂଚଳର ଇ-ବ୍ଲକ୍‌ରେ ଥିବା ଏକ ଗ୍ୟାରେଜରୁ ରାଉରକେଲା ଯୋଗାଣ ବିଭାଗ ଏବଂ ପୋଲିସର ମିଳିତ ଚଢାଉରେ ୧୬୧ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ସେଥିମଧ୍ୟରେ ୧୦୩ଟି କମର୍ସିଆଲ ଏବଂ ୫୮ଟି ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣାରେ ରାଉରକେଲା ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉଛି। ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଏହି ଗ୍ୟାରେଜରେ ବେଆଇନ କଳାବଜାରୀ ପାଇଁ କିଏ ଗ୍ୟାସ୍ ସିଲିଣ୍ଡର ରଖିଥିଲେ ଏବଂ କାହା ନେତୃତ୍ୱରେ ଏହି ବେଆଇନ ବ୍ୟବସାୟ ଚାଲିଥିଲା ତାହାର ତଦନ୍ତ କରାଯାଉଛି। ଏହି ଗ୍ୟାରେଜକୁ କିଏ ଭଡାରେ ନେଇଥିଲା ତାହାର ତଦନ୍ତ କରାଯାଉଛି। ଗୋଟିଏ ପଟେ ସହରରେ ଗ୍ୟାସ୍ ସିଲିଣ୍ଡରର ଏକ ବଡ଼ ଅଭାବ ରହିଛି, ଅନ୍ୟପଟେ ବେଆଇନ ବ୍ୟବସାୟୀମାନେ କଳାବଜାରୀ ପାଇଁ ଗ୍ୟାରେଜରେ ଗ୍ୟାସ୍ ସିଲିଣ୍ଡର ଲୁଚାଇ କଳାବଜାରୀ କରିବା ପାଇଁ ଏହି ବଡ଼ ଚଢାଉ କରାଯାଉଛି। ଏହି ଚଢାଉ ଗ୍ୟାସ୍ ସିଲିଣ୍ଡରର କଳାବଜାରୀକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ପୋଲିସ୍ ମଧ୍ୟ ଏହି ଘଟଣାର ତଦନ୍ତ କରୁଛି। ଯୋଗାଣ ବିଭାଗର ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରୁଛନ୍ତି।

ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୭/୪(ନି/ପ୍ର): ଟାଙ୍ଗରପାଲି ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୦ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୪ ଗୋଟି ଅଭିଯୋଗ ର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ଏସ ଡି ପି ଓ ଶ୍ରୀ ନିର୍ମଳ ମହାପାତ୍ର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପୋଲିସ ଅଫିସରଙ୍କର ସ୍ୱର୍ଣ୍ଣଜୟନ୍ତୀ ପାଳନ ଓ ବନ୍ଧୁ ମିଳନ

ରାଉରକେଲା,୭/୪(ନି/ପ୍ର): ୧୯୭୬ ମସିହାରେ ଓଡିଶା ପୋଲିସ ବେତାର ବିଭାଗରେ ଯୋଗ ଦେଇଥିବା ଅଫିସରମାନଙ୍କର ପଚାଶ ବର୍ଷ ପୂର୍ଣ୍ଣ ଉତ୍ସବ କଟକର ମହାନଦୀକୂଳସ୍ଥ ଚହଟାଘାଟସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଭ୍ୟମାନେ ଏହି ଉତ୍ସବରେ ଯୋଗଦାନ କରିଥିଲେ। ଡଃ ସୁମନ ଦନ୍ନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଭ୍ୟମାନେ ସପତ୍ନୀକ ଉପସ୍ଥିତ ରହି ଅତୀତର ସ୍ମୃତିଚାରଣ କରିବା ସହିତ ଦିବଙ୍ଗତ ସଦସ୍ୟମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟଅତିଥି ରୂପେ ପୋଲିସ ବିଭାଗର ଅବସରପ୍ରାପ୍ତ ଅଧକ୍ଷ ଚୈତନ୍ୟ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ପନ୍ଦର ଖଣ୍ଡ ପୁସ୍ତକ ରଚନାକରି ସୁଖ୍ୟାତି ଅର୍ଜନ କରିଥିବା ବେତାର ବିଭାଗର ପୂର୍ବତନ ଅଫିସର ଦୁର୍ଗାପ୍ରସାଦ ପରିଡାଙ୍କୁ ମାନପତ୍ର,ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଡଃ ସୁମନ ଦନ୍ନ ନିଜ ଭାଷଣରେ ଏହି ବୟସରେ କିପରି ନିଜର ଏବଂ ନିଜ ପତ୍ନୀଙ୍କ ସ୍ୱାସ୍ଥ୍ୟର ଯତ୍ନନେଇ ନିରାମୟ ଜୀବନ ଯାପନ କରିପାରିବେ ସେ ବିଷୟରେ ବର୍ଣ୍ଣନା କରିଥିଲେ। ନିରଞ୍ଜନ ରାଉତ ବିଭିନ୍ନ ଗଳ୍ପର ଉଦାହରଣ ଦେଇ ସମ୍ମୁଖୀନ ହେଉଥିବା ବୃଦ୍ଧକାଳୀନ ସମସ୍ୟାଗୁଡିକର କିପରି ସହଜରେ ସମାଧାନ କରିହେବ, ସେହି ବିଷୟରେ ଆଲୋକପାତ କରିଥିଲେ। ସର୍ବଶ୍ରୀ ରଜନୀକାନ୍ତ ନାୟକ, ରମେଶ ଚନ୍ଦ୍ର ପରିଡା, ବସନ୍ତ କୁମାର ନାୟକ, ବାବାଜୀ ଚରଣ ଚୌଧୁରୀ, ଅବକାଶ ଜେନା, ଅଲେଖ ଚନ୍ଦ୍ର ଜେନା, ଗଣନାଥ ପଟ୍ଟନାୟକ, ରଥ ନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଲକ୍ଷ୍ମୀଧର ପ୍ରହରାଜ ପ୍ରମୁଖ ନିଜ ନିଜ ଭାଷଣରେ ବିଭିନ୍ନ ବିଷୟରେ ସ୍ମୃତିଚାରଣ କରି ପରିବେଶକୁ ଭାବଗମ୍ଭୀର କରି ଦେଇଥିଲେ। ଧନ୍ୟବାଦ ଅର୍ପଣ ପରେ ପ୍ରସାଦ ସେବନ କରି ସଭା ସାଙ୍ଗ କରାଯାଇଥିଲା।

ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ମଧୁବାବୁ ଓ ଆମ୍ବେଦକର ମଣ୍ଡଳ ତରଫରୁ ପାଳିତ

ରାଉରକେଲା ,୭/୪(ନି/ପ୍ର): ସୋମବାର ଦିନ ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ରର ମଧୁବାବୁ ମଣ୍ଡଳ ଆନୁକୁଲ୍ୟରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ମଣ୍ଡଳ ସଭାପତି ପ୍ରତିମା ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସେକ୍ଟର-୬ ସ୍ଥିତ ଟେଲିଫୋନ ଭବନ ନିକଟସ୍ଥ ଛକ ଠାରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଜେପିର ପୂର୍ବଜଙ୍କ ବଳିଦାନ ଓ ତ୍ୟାଗକୁ ସ୍ମରଣ କରି ତାଙ୍କର ଶୃତିଚାରଣ କରିଥିଲେ। ବରିଷ୍ଠ ନେତା ସୁବ୍ରତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ରାଷ୍ଟ୍ର ପ୍ରେମ ଓ ଦେଶ ଭକ୍ତି ଆମର ମୁଖ୍ୟ ଆଦର୍ଶ ହେବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ବାରିକ, ଅଜୟ କୁମାର ରାଉତ୍, ଅଜୟ କୁମାର ପାତ୍ର, ରବୀନ୍ଦ୍ର ରାଉତ୍, ନମିତା ସେନାପତି, ଗୀତାଞ୍ଜଳି ଜେନା, ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ହିମାଦ୍ରୀ ବେହେରା , ସରସ୍ୱତୀ ମହାନ୍ତଙ୍କ ସହ ବହୁ ସଭ୍ୟ ଉପସ୍ଥିତ ଥିଲେ। ସେହିପରି ଆମ୍ବେଦକର ମଣ୍ଡଳ ତରଫରୁ ସେକ୍ଟର-୧୭ ସ୍ଥିତ କମ୍ୟୁନିଟ ସେ[ର ପରିସରରେ ମଣ୍ଡଳ ସଭାପତି ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସେ ପ୍ରତିଷ୍ଠା ଦିବସ ଉପରେ ଆଲୋକପାତ କରିବା ସହିତ ବିଜେପିର ପୂର୍ବଜଙ୍କ ବଳୀଦାନର ଶୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଆଲୋକ ନାୟକ, ରାମ ବର୍ମା, ପ୍ରଭାକର ସାହୁ, ବଳରାମ ସମାସି, ଗୌତମ ବାଡା, ବାବୁଲି ବାରିକ, ମୁରଲୀ ବାରିକ, , ମନୋଜ ସାହୁ, ଦୀପକ ସାହୁ, କାରଣ ସାହୁ, କେ ପି ରାଜେଶ, ଯୋନୀ ରୋବର୍ଟ, ଟୁନ ଟୁନ ସାହୁ, ଅକ୍ଷୟ ମହାନ୍ତି, କବିତା ବିନ୍ଧାଣୀ, ଅମିତ, ଦୁର୍ଗା ଚରଣ ପଟେଲଙ୍କ ସମେତ ବହୁ ବିଜେପି ସମର୍ଥକ ଉପସ୍ଥିତ ଥିଲେ।

କୁମୁଲିପୁଟରେ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୭/୪(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା. ଜିପିଓ ସୁବାସ ଖିଲ ସହ ଅନ୍ୟ ଲାଇନର ବ୍ଲକସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ, ରାସ୍ତା ନାଳ ନିର୍ମାଣ ନେଇ ଦାବି କରିଥିଲେ। ଏହା ସହ ଦଣ୍ଡସେନାଗୁଡା ପମ୍ପ ହାଉସରେ ମଟର ଚୋରି ହୋଇଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ। ଏହାସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ।

ସାରଣ୍ଡା ଜଙ୍ଗଲରେ ଲାଣ୍ଡ ମାଇନ ବିସ୍ଫୋରଣ, ସିଆରପିଏଫ ଯବାନ ଆହତ

ବିଶ୍ରା,୭/୪(ନି/ପ୍ର): ଝାରଖଣ୍ଡର ଚାଇବାସା ଅଂଚଳର ସାରଣ୍ଡା ଜଙ୍ଗଲରେ ଏକ ଲାଣ୍ଡ ମାଇନ ବିସ୍ଫୋରଣ ଘଟିଥିବା ଖବର ମିଳିଛି। ଏହି ବିସ୍ଫୋରଣରେ କୋବ୍ରା ବାଟାଲିଅନର ଜଣେ ଯବାନଆହତ ହୋଇଛନ୍ତି। ବର୍ତ୍ତମାନ ସୁରକ୍ଷା ବଳ ଆହତ ଜବାନଙ୍କୁ ଜଙ୍ଗଲରୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଯାହାକୁ ଚିକିତ୍ସା ପାଇଁ ଏୟାର ଲିଫ୍ଟ ମାଧ୍ୟମରେ ରାଞ୍ଚିକୁ ନିଆଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଏହି ଘଟଣା ସରଣ୍ଡା ଜଙ୍ଗଲର ଛୋଟନାଗରା ଥାନା ଅଂଚଳର ବାଲିବା ଜଙ୍ଗଲରେ ଘଟିଛି। ପୁଲିସ ଅଧିକାରୀମାନେ କହିଛନ୍ତିଯେ, ଆହତ ଯବାନଙ୍କୁ ଉଦ୍ଧାର କରି ଶୀଘ୍ର ଭଲ ଚିକିତ୍ସା ପାଇଁ ରାଞ୍ଚିକୁ ଏୟାରଲିଫ୍ଟ କରିବା ପାଇଁ ଉଦ୍ୟମ ଜାରି ରହିଛି। ଚାଇବାସାର ଏସଡିପିଓ ବହାମନ ଟୁଟି କହିଛନ୍ତି ଯେ, ଘଟଣା ସମ୍ପର୍କରେ ସୂଚନା ମିଳିସାରିଛି ଏବଂ ଆହତ ଯବାନଙ୍କୁ ବାହାର କରିବା ପାଇଁ ତତ୍କାଳ ବ୍ୟବସ୍ଥା ନିଆଯାଉଛି। ଇହା ସହିତ ଉକ୍ତ ଅଂଚଳରେ ମାଓ ବିରୋଧୀ ଅଭିଯାନକୁ ଆହୁରି ତୀବ୍ର କରା ଯାଇଛି। ଏହି ବିସ୍ଫୋରଣରେ କୋବ୍ରା ବାଟାଲିଅନ ୨୦୫ର ଜବାନ ଅନୁଜ କୁମାର ଆହତ ହୋଇଛନ୍ତି। ତାଙ୍କ ପାଦରେ ଆଘାତ ଲାଗିଥିବା ସୂଚନା ମିଳିଛି ଏବଂ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି। ଉଲ୍ଲେଖ୍ୟଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରି ମାସରେ ସାରଣ୍ଡା ଜଙ୍ଗଲରେ 'ଅପରେସନ ମେଘା ଗୁରୁ' ଚାଲୁ କରାଯାଇଥିଲା। ଏହି ଅଭିଯାନରେ କୋବ୍ରା ବାଟାଲିଅନ, ଝାରଖଣ୍ଡ ଜାଗୁଆର ଏବଂ ସିଆରପିଏଫର ପ୍ରାୟ ୪ ହଜାର ଯବାନ ମିଳିଭାବେ କାର୍ଯ୍ୟ କରିଥିଲେ, ଯେଉଁଥିରେ ୧୬ରୁ ଅଧିକ ନକ୍ସଲ ନିହତ ମଧ୍ୟ ହୋଇଛନ୍ତି।

କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଦୟନୀୟ ଅବସ୍ଥାରେ ରୋଗୀ

କେନ୍ଦ୍ରାପଡା,୭/୪: ରାଜ୍ୟର ଅନ୍ୟତମ ଡାକ୍ତରଖାନା ଭାବେ ପରିଚିତ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ହେଲା ଡାକ୍ତର ଅଭାବ ଥିବାରୁ ରୋଗୀମାନେ ଦୟନୀୟ ଅବସ୍ଥା ଭୋଗୁଛନ୍ତି। କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ କେନ୍ଦ୍ରାପଡା ଜିଲ୍ଲା, ଜଗତସିଂହପୁର, ଯାଜପୁର ଏବଂ ଚାନ୍ଦବାଲି ଅଂଚଳର ଦୈନିକ ଶହ ଶହ ରୋଗୀ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କିନ୍ତୁ, ଦୁର୍ଭାଗ୍ୟର କଥା ରୋଗୀ ମାନଙ୍କ ପାଇଁ ଆଉଟ ଡୋରରେ ବସିବାର ସୁବିଧା ନଥିବା ବେଳେ ମାତ୍ର ୨ ରୁ ୩ ଜଣ ଡାକ୍ତର ରୋଗୀ ଦେଖୁଛନ୍ତି।

ସେଲ୍, ଆଇଜିଏଚରେ କମ୍ ଓଜନ ନବଜାତକର ଜୀବନରକ୍ଷାକାରୀ ଜଟିଳ ସ୍ନାୟୁବିକ ଅସ୍ତ୍ରୋପଚାର ସଫଳ

ରାଉରକେଲା, ୭/୪(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଡାକ୍ତରୀ ଦଳ ମାତ୍ର ଦୁଇଦିନ ପୂର୍ବେ ଜନ୍ମିତ ୨.୫ କି.ଗ୍ରା. ଓଜନର ଏକ ନବଜାତ ଶିଶୁର ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାରକୁ ସଫଳ କରିଛନ୍ତି। ସୂଚନା ଯୋଗ୍ୟ ଯେ,ଏହି ଜଟିଳ ଅସ୍ତ୍ରୋପଚାରଟି ଆଇଜିଏଚ ତଥା ରାଉରକେଲାରେ ପ୍ରଥମ ଥର ପାଇଁ କରାଯାଇଥିଲା। ଶ୍ରୀମତୀ ସୁଚିତ୍ରା ସିନ୍ଦ୍ରିଆଙ୍କ ଏହି ଶିଶୁ ଆଇଜିଏଚରେ ସିଜରିଆନ୍ ସେକ୍ସନ୍ ରେ ଦୁଇଟି ଗୁରୁତର ଜନ୍ମଗତ ଅସ୍ୱାଭାବିକତା - ହାଇଡ୍ରୋସେଫାଲସ୍ ଏବଂ ମେନିଙ୍ଗୋମାଇଲୋସିଲ୍ ନେଇ ଜନ୍ମ ନେଇଥିଲା। ଜନ୍ମ ସମୟରେ କମ୍ ଓଜନ, ଅସ୍ୱାଭାବିକ ମୁଣ୍ଡ ଗଠନ ଏବଂ ପିଠି ପୃଷ୍ଠ ରେ ଏକ ଜନ୍ମଗତ କ୍ଷତ ଯୋଗୁଁ ଶିଶୁଟି ର ଆଶୁ ଚିକିତ୍ସା ଆବଶ୍ୟକତା ଥିଲା। ନବଜାତ ଶିଶୁକୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ସିଏମଓ ଇନ-ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶିଶୁରୋଗ ବିଭାଗର ଅତିରିକ୍ତ ସିଏମଓ ଡାକ୍ତର ଅର୍ଚ୍ଚନା ବେହେରାଙ୍କ ସହିତ ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶିଶୁର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ପିତାମାତାଙ୍କ ସମ୍ମତି ସହିତ ତୁରନ୍ତ ଏକ ଅସ୍ତ୍ରୋପଚାର କରଯାଇଥିଲା। ଶିଶୁଟିର ପର୍ଯ୍ୟାପ୍ତ ଓଜନ ଏବଂ ଶକ୍ତି ବୃଦ୍ଧି କରିବା ନିମନ୍ତେ ମେନିଙ୍ଗୋମାଏଲୋସିଲର ଅସ୍ତ୍ରୋପଚାର କରାଯାଇଥିଲା। ଏହି ଅସ୍ତ୍ରୋପଚାରକୁ ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦିତ କରିଥିବା ବେଳେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ, ଶିଶୁଟି ସୁସ୍ଥ ହେବାର ଉତ୍ସାହଜନକ ଲକ୍ଷଣ ଦେଖାଦେଇଥିବା ବେଳେ ମୁଣ୍ଡର ଆକାର ମଧ୍ୟ ସ୍ୱାଭାବିକ ହେବାକୁ ଲାଗିଥିଲା। ଆଇଜିଏଚର ଏହି ସଫଳତା ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷମତା ଏବଂ ଅଭିଜ୍ଞ ତଥା ଉତ୍ସର୍ଗୀକୃତ ଡାକ୍ତରୀ ଦଳଙ୍କ ସମର୍ପଣ ଯୋଗୁଁ ସମ୍ଭବପର ହୋଇପାରିଛି। ଏହା ଆଇଜିଏଚର ରାଉରକେଲା ଏବଂ ପାର୍ଶ୍ୱାଂଚଳ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି